

ଓଡ଼ିଶା ବିକାଶର କର୍ଣ୍ଣଧାର ଓ 5T ସଚିବ

ଭି.କେ.ପାଣ୍ଡିଆନ୍

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR




PARUL PATAWARI

Vol.6 | Issue- 04 | July 4 to 10, 2022, | Jagatsinghpur, | Page-8 | Rs. 5/-

ବର୍ଷ-୬ | ସଂଖ୍ୟା- ୦୪ | ଜୁଲାଇ ୪ ରୁ ୧୦, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


# ବିଜେବି କଲେଜ୍ ର୍ୟାଗିଂ, ଲଜ୍ଜା


**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଗିଂ ନେଲା ଛାତ୍ରୀଙ୍କ ଜୀବନ। ସିନିୟରଙ୍କ ରାଗିଂ ଅସହ୍ୟ ହେବାରୁ ବିଜେବି କଲେଜର ପ୍ଲସ୍ ଥ୍ରୀ ପ୍ରଥମ ବର୍ଷର ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା କରିଛନ୍ତି। କଲେଜ୍‌ର ଲେଡିଜ୍ ହଷ୍ଟେଲରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ୩ଜଣ ସିନିୟର ଛାତ୍ରୀ ରୁଚିକାକୁ ମାନସିକ ନିର୍ଯ୍ୟାତନା ଦେବା ଯୋଗୁଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ମୃତ୍ୟୁ ପୂର୍ବରୁ ଏକ ଚିଠି ଲେଖି ଅଭିଯୋଗ କରିଛନ୍ତି ରୁଚିକା। ସୁଇସାଇଡ୍ ନୋଟକୁ ଜବତ କରି ଅଧିକ ତଦନ୍ତ କରୁଛି ପୋଲିସ୍। ତେବେ କାହିଁକି ଆତ୍ମହତ୍ୟା କଲେ ରୁଚିକା? ଚିଠିରେ ସେ କ'ଣ ଲେଖିଛନ୍ତି? ମୁଁ ଆତ୍ମହତ୍ୟା କଲି କାହିଁକି? ଏହି ଖବର ସମଗ୍ର ରାଜ୍ୟରେ ଚର୍ଚ୍ଚାର




ବିଷୟ ହୋଇଥିବା ବେଳେ ସରକାରୀ ମାନ୍ୟତା ପାଇଥିବା ବେଳେ ଏହି ବିଜେବି କଲେଜ୍ ସର୍ବପୁରାତନ କଲେଜ୍ ହୋଇଥିବା ବେଳେ ଜଣକ ପରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ନିନ୍ଦନୀୟ ବୋଲି କୁହାଯାଉଛି। ଏଥି ସହିତ ରାଜ୍ୟ ଶିକ୍ଷା ବିଭାଗ ପାଇଁ ଏହା ଏକ ଲଜ୍ଜାକର ଘଟଣା ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷରେ, ଛାତ୍ରୀଜଣକ ଲେଖିଛନ୍ତି - ମୁଁ ଜୀବନରେ ବହୁତ ଥକି ଗଲିଣି। ମୋ ବାପା, ବୋଉ ମୋତେ ଏତେ କଷ୍ଟ କରି ପାଠ ପଢାଇଲେ। ଆମ ଘରର ଲୋକଙ୍କ ମୋ ପାଠପଢା ପାଇଁ ଚଳିବା କଷ୍ଟ। ହେଲେ ହଷ୍ଟେଲରେ ମୋ ସିନିୟର ମୋତେ ବହୁତ ଟର୍ଚ୍ଚର କଲେ। ୩ଜଣ ସିନିୟର ମୋତେ ମେଣ୍ଟାଲି କଷ୍ଟ ଦେଲେ। ଆଉ ସହି ପାରିଲିନି କି ଘରେ କହି ପାରିଲିନି। ମୋତେ ମୋ ବାପା, ବୋଉ, ଅଜା, ଆଇ, ମାମୁଁ, ମାଇଁ ମଉସା, ମାଉସୀ ସମସ୍ତେ ବହୁତ ଭଲ ପାଆନ୍ତି। ବହୁତ ଆଶା କରିଥିଲେ କି ମୁଁ କଲେକ୍ଟର ହେବି। ହେଲେ ମୋତେ ସିନିୟର ମେଣ୍ଟାଲି ଡିପ୍ରେସ କଲେ। ବାପା, ମୋ ମୋତେ ବହୁତ ପଇସା ଖର୍ଚ୍ଚ କରି ମୋତେ ପାଠ ପଢିବାକୁ ଛାଡିଲେ। (ପୃଷ୍ଠା-୨)

## ତିର୍ତ୍ତୋଲ୍‌ରେ ପ୍ରାର୍ଥୀ ଖୋଜା !

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ତିର୍ତ୍ତୋଲ୍ ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି ବିଧାୟକ ପ୍ରାର୍ଥୀ ଦେଖିବାକୁ କୁଆଡେ ଦଳର ଆଗଧାଡିର ଟାଣୁଆ ବିଜେଡି ଦଳର ନେତା ପରାମର୍ଶ ଦେଇଥିବା ଖବର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ତିର୍ତ୍ତୋଲ୍ ବିଧାୟକଙ୍କ ଲଭ୍ ମ୍ୟାରେଜ୍‌କୁ ନେଇ ଭିଡିଓ, ଅଡିଓ ଓ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସହିତ କିଛି ବାର୍ତ୍ତାଳାପ ଭାଇରାଲ୍ ପରେ ବିବାଦୀୟମାନ ପ୍ରଶ୍ନ ଉଠୁଥିବାରୁ ଆଗାମୀ ଦିନରେ ତଥା ୨୦୨୪ ସାଧାରଣ ନିର୍ବାଚନରେ ତିର୍ତ୍ତୋଲ୍



ପାଇଁ ଏକ ବିଧାୟକ ପ୍ରାର୍ଥୀ ଚୟନ କରିବାକୁ କୁହାଯାଇଥିବା ଶୁଣାଯାଉଛି। ତିର୍ତ୍ତୋଲ୍ ଅଞ୍ଚଳ କିଛି ବିବାଦୀୟ ନେତା ବିଧାୟକଙ୍କୁ ଭଲ ପରାମର୍ଶ ଦେବା ପରିବର୍ତ୍ତେ ଦଳୀୟ ବିବାଦ ମଧ୍ୟକୁ ଠେଲୁଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ପୂର୍ବରୁ ସେମାନେ ବାପା ତଥା ବରିଷ୍ଠ ନେତା ସ୍ୱ ବିଷ୍ଣୁ ଦାସଙ୍କ ସାଙ୍ଗରେ ଥାଇ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଥିବା ବେଳେ ବାପାଙ୍କ ଅନ୍ତେ ପୁଅକୁ ଭଲ ପରାମର୍ଶ ଦେବା ପରିବର୍ତ୍ତେ କୁ-ମନ୍ତ୍ରଣା କୁଆଡେ ବିବାଦ ଭିତରକୁ ଠେଲି ଦିଆଯାଉଥିବା ଆଲୋଚନା (ପୃଷ୍ଠା-୨)

## ଏରସମା ଚଟୁଆରେ ରଥଯାତ୍ରା

### ଠାକୁର ରାଜା ମନୋଜ ମହାନ୍ତିଙ୍କ ଛେରାପହଁରା

**ଏରସମା(ସଂପର୍କବାର୍ତ୍ତା):-** ଏରସମା ବ୍ଲକ୍ ଚଟୁଆରେ ରଥଯାତ୍ରା ବହୁ ଆଡମ୍ବର ସହ ପାଳିତ ହୋଇଯାଇଛି। ରିତୀନିୟମ ଅନୁସାରେ ପୁରୀ ରଥଯାତ୍ରା ପରଦିନ ଚଟୁଆରେ ରଥ ଟଣା ହୋଇଥାଏ। ଗତ ୨ ତାରିଖ ଅପରାହ୍ନରେ ସେବାୟତମାନେ ଶ୍ରୀଜୀଉଙ୍କୁ ପହଣ୍ଡି କରି ରଥାରୂଢ କରିଥିଲେ। ଠାକୁର ରାଜା ମନୋଜ କୁମାର ମହାନ୍ତି ପାଲିଙ୍କି ଚଢି ଶୋଭାଯାତ୍ରାରେ ଆସି ରଥ



ନିକଟରେ ଛେରାପହଁରା କରିଥିଲେ। ଭକ୍ତମାନେ ଠାକୁର ରାଜା ମନୋଜ କୁମାରଙ୍କ ବାସଭବନ ନିକଟରୁ ରଥ ଟାଣି ସାମନ୍ତରାପୁର ମାଉସୀ ମା' ମନ୍ଦିର ନିକଟକୁ (ପୃଷ୍ଠା-୨)

## ପାଣ୍ଡିଆନ୍‌ଙ୍କ ମହାନତା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ୫-ଟି ସଚିବଙ୍କ ମହାନତା। ନବଜାତକର ଜୀବନ ବଞ୍ଚାଇଲେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍। ମୃତ୍ୟୁ ସହ ଲଢୁଥିବା ନୟାଗଡ ଅଞ୍ଚଳର ଅସହାୟ ଗରିବ ପୁରୁଷୋତ୍ତମ ମହାପାତ୍ରଙ୍କ ୨ ଦିନର ଶିଶୁ। ଜନ୍ମର ଦିନକ ପରେ ତାକୁ ନିଶ୍ୱାସ ନେବାରେ କଷ୍ଟ ହେଉଥିଲା। ଦେହ ନୀଳ ପଡିଯାଇଥିଲା। ଡକ୍ଟର ଶିଶୁକୁ କୌଣସି ବଡ ମେଡିକାଲ ନେଇ ଭେଣ୍ଟିଲେଟରରେ ରଖିବାକୁ




ପରାମର୍ଶ ଦେଇଥିଲେ କଟକର ଏକ ଘରୋଇ ନର୍ସିହୋମ୍ ଡାକ୍ତର। ହେଲେ ଶିଶୁର ଚିକିତ୍ସା (ପୃଷ୍ଠା-୨)

## ବାପି ସାର୍ଖେଲ୍‌ଙ୍କ ଧନ୍ୟବାଦ

**ପାରାଦ୍ୱୀପ(ସଂପର୍କବାର୍ତ୍ତା):-** ଗତ ଏପ୍ରିଲ୍ ୧୦ ତାରିଖରେ ମୁଁ ଏବଂ ଆମ ପାରାଦ୍ୱୀପ ଆମ ପ୍ରଗତିର କର୍ମକର୍ତ୍ତାଙ୍କସହ ମିଶି ବର୍ଷାଦିନେ ପାରାଦ୍ୱୀପରେ ଜଳବନ୍ଦୀ ସମସ୍ୟା ଓ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଅନୁଧ୍ୟାନ କରିବାକୁ ପାରାଦ୍ୱୀପ ପୌର ପରିଷଦର ସମସ୍ତ ୱାର୍ଡ ଗ୍ରସ୍ତ କରି ବୁଲି ଦେଖିଥିଲୁ। ସେହି ଏପ୍ରିଲ୍ ୧୩ ତାରିଖ ଦିନ ପରାଦ୍ୱୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳଙ୍କୁ ଆମ ପାରାଦ୍ୱୀପ ଆମ ପ୍ରଗତିର ନେତୃମଣ୍ଡଳୀମାନେ ଭେଟି ପାରାଦ୍ୱୀପକୁ ବର୍ଷା ଦିନ



ପୂର୍ବରୁ ଜଳବନ୍ଦୀରୁ ମୁକ୍ତ କରିବା ସହିତ କ୍ରୀକ୍‌ଗୁଡିକ ଖନନ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ପୌର ପରିଷଦର ଅଧ୍ୟକ୍ଷ ଦୃଢତାର ସହିତ ଏହାର ନିରାକରଣ ପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଥିଲେ। ତାହାର ଫଳ ସ୍ୱରୂପ ପାରାଦ୍ୱୀପରେ ଆଜି ବିଭିନ୍ନ ୱାର୍ଡରେ ବଡ ବଡ ମେସିନ୍ ସାହାଯ୍ୟରେ କ୍ରିକ୍ ଖନନ କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିବା ସହ ବିଭିନ୍ନ ୱାର୍ଡରେ ଜଳବନ୍ଦିରୁ ରକ୍ଷା ପାଇବା ପାଇଁ ଡ୍ରେନେଜ୍‌ଗୁଡିକୁ ସଂପୂର୍ଣ୍ଣ ପରିଷ୍କାର କରାଯାଉଛି। ନିର୍ବାଚନ ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ କରାଯାଉ ଥିବାରୁ ମୁଁ ପାରାଦ୍ୱୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଓ ଉପାଧ୍ୟକ୍ଷା ଛବିଲତା ରାଉତଙ୍କ ସମେତ ଆମ ପାରାଦ୍ୱୀପ ଆମ ପ୍ରଗତିର ସମସ୍ତ ପାରିଷଦମାନଙ୍କୁ ଅନ୍ତରରୁ ଧନ୍ୟବାଦ ଜଣାଉଛି।

# ଯନ୍ତ୍ରୀଙ୍କୁ ଧମକାଉଛନ୍ତି ଗଣମାଧ୍ୟମ

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ଜିଲ୍ଲାରେ ଜଳସଂପଦ ଓ ଡ୍ରେନେଜ୍ ବିଭାଗ ଇଂଜିନିୟରମାନଙ୍କୁ ବ୍ଲାକ୍‌ମେଲ୍ କରୁଛନ୍ତି। ପୁଣି ବ୍ଲାକମେଲ୍ କରୁଛନ୍ତି କିଛି ସାମ୍ବାଦିକ ଓ ଫେକ୍ ସାମ୍ବାଦିକ! ଏପରିକି ବରିଷ୍ଟ ଇଂଜିନିୟରମାନଙ୍କୁ କେତେକ ମହିଳା ସାମ୍ବାଦିକ ତାଙ୍କ ଘରକୁ(ବେଡ୍‌ରୁମ୍) ଆସିବାକୁ ସିଗ୍‌ନାଲ୍ ବି ଦେଉଥିବା କିଛି ଇଂଜିନିୟର ଏପରି ସୁରାଗ "ସଂପର୍କବାର୍ତ୍ତା" ପ୍ରତିନିଧିଙ୍କୁ ଦେଇଥିବାର ପ୍ରମାଣ ମଧ୍ୟ ରହିଛି। ଏହି ସାମ୍ବାଦିକ ବୃତ୍ତିରେ କିଛି ଅଣସାମ୍ବାଦିକ ଓ ଟାଉଟର ଦଲାଲ୍ ପଶିଆସି ୟୁ-ଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ଇଂଜିନିୟରମାନଙ୍କୁ ବୁମ୍ ଦେଖାଇ ବିଭିନ୍ନ ଭିତ୍ତିହୀନ ତଥା ମୂଲ୍ୟହୀନ ପ୍ରଶ୍ନ ପଚାରି ବ୍ଲାକ୍‌ମେଲ୍ କରୁଥିବା ମଧ୍ୟ ଶୁଣିବାକୁ ମିଳୁଛି। ସଂପୃକ୍ତ ଇଂଜିନିୟରଙ୍କୁ ଭୟଭିତ କରିବା ପାଇଁ ତାଙ୍କର ଉପରିସ୍ତ ଅଫିସର ତଥା ଚିଫ୍ ଇଂଜିନିୟର, ଇଂଜିନିୟର ଇନ୍‌ଚିଫ୍, ସଚିବ, ଓ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ "ଟୁଇଟ୍" ଯୋଗେ ପଠାଉଥିବାର ମଧ୍ୟ ଅଭିଯୋଗ ହେଉଛି। କିନ୍ତୁ ବିଭାଗୀୟ ଉଚ୍ଚ ପଦାଧିକାରୀ ଫେକ୍ ସାମ୍ବାଦିକମାନଙ୍କ ଏଭଳି ଭିତ୍ତିହୀନ କାର୍ଯ୍ୟକଳାପର ଗୁରୁତ୍ୱକୁ ନ ବୁଝି ଜିଲ୍ଲା ସ୍ତରରେ କାମ

**ଜଗତସିଂହପୁର ଇଂଜିନିୟରଙ୍କୁ ପରାମର୍ଶ ଥାନାରେ ଏତଲା ଦିଅ**

କରୁଥିବା ଇଂଜିନିୟରମାନଙ୍କୁ ଗାଳିଫଜିଲ୍ କରୁଥିବା ଶୁଣିବାକୁ ମଧ୍ୟ ମିଳୁଛି। ପୁଣି କିଛି ସାମ୍ବାଦିକ କଣ୍ଟ୍ରାକ୍ଟରମାନଙ୍କୁ ଧମକାଇ ଚାନ୍ଦା ମାଗୁଥିବା ସହିତ କଣ୍ଟ୍ରାକ୍ଟରମାନଙ୍କ ବିରୁଦ୍ଧରେ ସୁପରିଟେଣ୍ଟ୍ ଇଂଜିନିୟର ବା ଏକ୍ସିକ୍ୟୁଟିଭ୍ ଇଂଜିନିୟର ସଂପୃକ୍ତ କଣ୍ଟ୍ରାକ୍ଟର ବିରୁଦ୍ଧରେ ଅଭିଯୋଗ କରୁଥିବା ଶୁଣିବାକୁ ମିଳୁଛି। ଜିଲ୍ଲାରେ ଫେକ୍ ସାମ୍ବାଦିକଙ୍କ ସଂଖ୍ୟା ମାତ୍ରାଧିକ ବୃଦ୍ଧି ପାଇବା ଦ୍ୱାରା ଇଂଜିନିୟରମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ସହିତ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଠାରୁ ଗାଳି ଶୁଣୁଥିବା ମଧ୍ୟ ଶୁଣାଯାଉଛି।

ସୂଚନା ଥାଉକି ନିକଟରେ ଜଗତସିଂହପୁରର ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ଜିଲ୍ଲା ପ୍ରତିନିଧି ତଥା ସାମ୍ବାଦିକ ପ୍ରମୋଦ କୁମାର ନାୟକ ଇଂଜିନିୟର ଓ ଅଫିସରମାନଙ୍କୁ ଅସୁବିଧାରେ ପକାଇବା ଲକ୍ଷ୍ୟରେ ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ମଗାଉଥିବା ଏବଂ ବ୍ଲାକ୍‌ମେଲ୍ କରୁଥିବା ନେଇ ସୋସିଆଲ୍ ମିଡିଆରେ ଘୂରି ବୁଲୁଛି। ଆବଶ୍ୟକ ସ୍ଥଳେ 'ଧରିତ୍ରୀ'ର ସଂପାଦକ ତଥାଗତ ଶତପଥୀଙ୍କ ନାଁ ନେବାକୁ ପଛାଉନାହାଁନ୍ତି ବୋଲି ମଧ୍ୟ ସଂପୃକ୍ତ ଇଂଜନିୟରମାନେ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ, ଜଗତସିଂହପୁରର ଏକ ସଂଗଠନର ମୁରବୀ ତଥା ସଭାପତି ସଂପୃକ୍ତ ଫେକ୍ ସାମ୍ବାଦିକ ଓ କିଛି ସାମ୍ବାଦିକଙ୍କୁ ହାତରେ ରଖି ଏସବୁ କରାଉଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୁଆଡେ ଜିଲ୍ଲା ସ୍ତରର ଅଧିକାରୀ ବା ଇଂଜିନିୟରଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେଉଁମାନେ ବ୍ଲାକ୍‌ମେଲ୍ କରିବାକୁ ଚାହୁଁଛନ୍ତି ବା ଚାନ୍ଦା ମାଗୁଛନ୍ତି ସଂପୃକ୍ତ କଣ୍ଟ୍ରାକ୍ଟରକୁ ପରାମର୍ଶ ଦେଇ କିମ୍ବା ତୁମ ତରଫରୁ ଏସ୍‌ପିଙ୍କୁ ଜଣାଇ ନିକଟସ୍ଥ ଥାନାରେ ସେମାନଙ୍କ ବିରୁଦ୍ଧରେ ତୁରନ୍ତ ଏତଲା ଦେବାକୁ କହୁଥିବା ଶୁଣିବାକୁ ମିଳୁଛି।

# ଅସ୍ୱାସ୍ଥ୍ୟକର ପରିବେଶରେ 'ସନ୍ ହସ୍ପିଟାଲ୍'

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ମୁଖ୍ୟ ଡାକ୍ତରଖାନା ସାମ୍ନାରେ ଚାଲିଥିବା ସନ୍ ହସ୍ପିଟାଲ୍(ସନ୍ କ୍ଲିନିକ୍) ବିଭିନ୍ନ ଅଭିଯୋଗ ହୋଇଆସୁଛି। ଏହି ନର୍ସିଂହୋମ୍‌କୁ ଚଳାଇ ଆସୁଛନ୍ତି କୁଆଡେ ଚିତ୍ତ ରଞ୍ଜନ ରଥ ଓ ବିପ୍ଳବ ମହାନ୍ତି ବୋଲି କୁହାଯାଉଛି। ଏହି ନର୍ସିଂହୋମ୍ ସେଠାରେ ନିର୍ମାଣ ହେବାର ଭିତ୍ତିଭୂମି ନଥିବା ସତ୍ତ୍ୱେ ବହୁ ଚତୁରତାର ସହିତ ସରକାରୀ ସ୍ତରରେ କାଗଜପତ୍ର କରି ଆଇନ୍‌ଗତ ଭାବେ

**ଜଗତସିଂହପୁର ତାଜା ଖବର**

ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଆସୁଥିବା ନେଇ ଅଭିଯୋଗ ହେଉଛି। ମାର୍କେଟ୍ କମ୍ପ୍ଲେକ୍ସ ପରିସରରେ ଏହି ନର୍ସିଂହୋମ୍ ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ବେଳେ ଦୁଇଜଣ ଯୁବକ ନର୍ସିଂହୋମ୍ ଚଳାଉଥିବା ଏବଂ ସ୍ୱାସ୍ଥ୍ୟ ସଂପର୍କିତ ଚିକିତ୍ସାଳୟ ଖୋଲିଥିବା ଏକ ପ୍ରଶଂସନୀୟ କାର୍ଯ୍ୟ ବୋଲି କୁହାଯାଉଛି। ହେଲେ ସଂପୃକ୍ତ ଚଳାଇ ଆସୁଥିବା ମଧ୍ୟ କୁହାଯାଉଛି। ହେଲେ ରୋଗୀ ଓ ସେଠାରେ ଚଳପ୍ରଚଳ କରୁଥିବା ବିଭିନ୍ନ ବ୍ୟବସାୟୀଙ୍କ ଯାଆସକୁ ଗୁରୁତ ନ ଦେବା ଦୁଃଖର ଘଟଣା ବୋଲି ମଧ୍ୟ



କୁହାଯାଉଛି। ଦୈନନ୍ଦିନ ଉକ୍ତ ହସ୍ପିଟାଲ୍ ସମ୍ମୁଖରେ ଝାଡା ଓ ପରିସ୍ରା ପାଣିରେ ଲୋକ ଯାଆସ କରୁଥିବାକୁ ନର୍ସିଂହୋମ୍ ମାଲିକ, ସଂପୃକ୍ତ ନର୍ସିଂହୋମ୍‌ରେ ରୋଗୀ ଦେଖୁଥିବା ଡାକ୍ତରଙ୍କ ଅମାନବିକତାର ପରିଚୟ ସୃଷ୍ଟି କରୁଛି ବୋଲି ଆଲୋଚନା କରୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କ୍ଷେତ୍ରବାସୀ ଦାଶ ଜଗତସିଂହପୁର ଜିଲ୍ଲାର ମାଟିର ପୁଅ ହୋଇଥିବାରୁ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ଏହି ସନ୍ କ୍ଲିନିକ୍ ବା ହସ୍ପିଟାଲ୍‌ର ପରିବେଶ ପ୍ରତି ଧ୍ୟାନ ଦେବାକୁ ଓ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିବା ଶୁଣାଯାଉଛି। ଉକ୍ତ ନର୍ସିଂହୋମ୍ ବା ହସ୍ପିଟାଲ୍‌କୁ ଗୋଟିଏ ଆମ୍ବୁଲାନ୍ସ ଯିବା ପାଇଁ ବା ରାସ୍ତା ନ ଥିବା ବେଳେ ଏବଂ ଗୋଟିଏ ରୋଗୀଟିଏ ନିରାପଦରେ ଉକ୍ତ ନର୍ସିଂହୋମ୍‌କୁ ଯିବା ପାଇଁ ସୁବିଧା ନଥିବା ବେଳେ ରାଜ୍ୟ ସରକାର ତାଙ୍କୁ କିପରି ନର୍ସିଂହୋମ୍ କରିବାକୁ ଅନୁମତି ଦେଲେ ବୋଲି ଏହା ଆଲୋଚନାର ମୁଖ୍ୟ ବିଷୟ ହୋଇଛି। ତା ସହିତ ଯଦି କୌଣସି ଅସୁବିଧା ଘଟେ ଦମକଳ(ନିଆଁଲିଭା ଗାଡି) ଯିବା ଲାଗି ରାସ୍ତା ଅଛି କି? ବୋଲି ମଧ୍ୟ ପ୍ରଶ୍ନ କରାଯାଉଛି। ଜଗତସିଂହପୁର ସହରର ଶିକ୍ଷିତ, ବୁଦ୍ଧିଜୀବୀ ଓ ବରିଷ୍ଠ ବ୍ୟକ୍ତିମାନେ ନାଁକୁ ମାତ୍ର ସମ୍ମାନୀୟ ବ୍ୟକ୍ତି ହୋଇଥିଲେ ମଧ୍ୟ ଜନସାଧାରଣଙ୍କ ବା ମାନବୀକତାର ପରିଚୟ ଦେଖାଉନଥିବା ଦୁଃଖର ବିଷୟ ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରୁଛନ୍ତି। ଏ ସଂକ୍ରାନ୍ତରେ ସଂପୃକ୍ତ ନର୍ସିଂହୋମ୍ ମାଲିକଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। କ୍ରମଶ...

## ରାଜନୈତିକ ଦଳ ଚାହୁଁଛନ୍ତି

# ନ୍ୟାୟପାଳିକା ସମର୍ଥନ କରୁ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଗଣତନ୍ତ୍ରରେ ନ୍ୟାୟପାଳିକାର ଭୂମିକା ସମ୍ପର୍କରେ ଭାରତର ପ୍ରଧାନ ବିଚାରପତି(ସିଜେଆଇ) ଏନ. ଭି. ରମନା ତାଙ୍କ ମତ ଦେଇଛନ୍ତି। ସେ କହିଛନ୍ତି ଯେ ଭାରତରେ ରାଜନୈତିକ ଦଳ ମଧ୍ୟରେ ଏକ ଭୁଲ ଧାରଣା ରହିଛି ଯେ ନ୍ୟାୟପାଳିକା ସେମାନଙ୍କ କାର୍ଯ୍ୟକୁ ସମର୍ଥନ କରିବା ଉଚିତ। ଦେଶର ପ୍ରଧାନ ବିଚାରପତି ଏନ.ଭି.ରମନା କହିଛନ୍ତି ଯେ ନ୍ୟାୟପାଳିକା ହେଉଛି ଏକ ସାଧୀନ ଅଙ୍ଗ ଯାହା କେବଳ ସମ୍ବିଧାନ ପାଇଁ ଉତ୍ତରଦାୟୀ ଏବଂ କୌଣସି ରାଜନୈତିକ ଦଳ କିମ୍ବା କୌଣସି ବିଚାରଧାରା ପାଇଁ ନୁହେଁ। ଭାରତର ପ୍ରଧାନ ବିଚାରପତି ଏନ.ଭି.ରମନା କହିଛନ୍ତି ଦେଶର ରାଜନୈତିକ ଦଳ ମଧ୍ୟରେ ଧାରଣା ରହିଛି ଯେ ନ୍ୟାୟପାଳିକା ସେମାନଙ୍କର ରାଜନୈତିକ ଏଜେଣ୍ଡାକୁ ଆଗେଇ ନେବା ଉଚିତ। ଯୁକ୍ତରାଷ୍ଟ୍ର କାଲିଫର୍ଣ୍ଣିଆର ସାନ ଫ୍ରାନ୍ସିସ୍କୋର ଇଣ୍ଡୋ-ଆମେରିକୀୟ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରମନା ଏହା କହିଛନ୍ତି।

ପ୍ରଧାନ ବିଚାରପତି କହିଛନ୍ତି, ଆମେ ଚଳିତ ବର୍ଷ ସାଧୀନତାର ୭୫ତମ ବର୍ଷ ପାଳନ କରୁଛୁ। ଆମର ଗଣତନ୍ତ୍ର ଇତି ମଧ୍ୟରେ ବହୁ ପଥ ଅତିକ୍ରମ କରିଛି। କିନ୍ତୁ ମୋତେ ଦୁଃଖର ସହିତ




କହିବାକୁ ପଡୁଛି ଯେ ପ୍ରତ୍ୟେକ ଅନୁଷ୍ଠାନ ସମ୍ବିଧାନ ଦ୍ୱାରା ଦିଆଯାଇଥିବା ଭୂମିକା ଏବଂ ଦାୟିତ୍ୱକୁ ସଂପୂର୍ଣ୍ଣରୂପେ ପାଳନ କରିବା ଶିଖି ନାହାଁନ୍ତି।

କ୍ଷମତାରେ ଥିବା ଦଳ ବିଶ୍ୱାସ କରନ୍ତି ଯେ ପ୍ରତ୍ୟେକ ସରକାରୀ କାର୍ଯ୍ୟ ନ୍ୟାୟିକ ସମର୍ଥନ ପାଇବାକୁ ଯୋଗ୍ୟ। ବିରୋଦୀ ଦଳ ଆଶା କରନ୍ତି ଯେ ନ୍ୟାୟପାଳିକା ସେମାନଙ୍କର ରାଜନୈତିକ ସ୍ଥିତି ଏବଂ କାରଣକୁ ଆଗକୁ ବଢାଇବା ଆବଶ୍ୟକ।

ସେ କହିଛନ୍ତି ଯେ ସମ୍ବିଧାନ ଏବଂ ଗଣତନ୍ତ୍ରର ବୁଝାମଣାର ଅଭାବରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ସାଧାରଣ ଜନତାଙ୍କ ମଧ୍ୟରେ ଏହା ଏକ ସାର୍ବଜନୀନ ଅଜ୍ଞତା ଯାହା ଏହିପରି ଶକ୍ତିର ସାହାଯ୍ୟ କରିବାକୁ ଆସୁଛି ଯାହାର ଉଦ୍ଦେଶ୍ୟ ହେଉଛି ଏକମାତ୍ର ସାଧୀନ ଅଙ୍ଗ ଅର୍ଥାତ୍ ନ୍ୟାୟପାଳିକାକୁ ନଷ୍ଟ କରିବା। ସେ କହିଛନ୍ତି ଯେ କେବଳ ନ୍ୟାୟପାଳିକା ସମ୍ବିଧାନ ପାଇଁ ଉତ୍ତରଦାୟୀ। ଆମକୁ ଭାରତରେ ସାମ୍ବିଧାନିକ ସଂସ୍କୃତିର ପ୍ରଚାର କରିବାକୁ ହେବ।

ପ୍ରଧାନ ବିଚାରପତି ତାଙ୍କ ଅଭିଭାଷଣରେ ସହନଶୀଳତା ଏବଂ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ନିଜେ ଆମେରିକାର ଉଦାହରଣ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା ଉଦାହରଣ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକାର ସମାଜର ସହନଶୀଳତା ଏବଂ ଅନ୍ତର୍ଭୁକ୍ତ ପ୍ରକୃତି ହିଁ ବିଶ୍ୱର ସର୍ବୋତ୍ତମ ପ୍ରତିଭାକୁ ଆକର୍ଷିତ କରିବାରେ ସକ୍ଷମ ହୋଇଛି, ଯାହା ପରବର୍ତ୍ତୀ ସମୟରେ ଏହାର ବିକାଶରେ ସହାୟକ ହେଉଛି। ବିଭିନ୍ନ ପୃଷ୍ଠଭୂମିରୁ ଯୋଗ୍ୟ ପ୍ରତିଭାକୁ ସମ୍ମାନ କରିବା ମଧ୍ୟ ଆତ୍ମବିଶ୍ୱାସ ବଜାୟ ରଖିବା ପାଇଁ ଜରୁରୀ। ଅନ୍ତର୍ଭୁକ୍ତତା ସମାଜରେ ଏକତାକୁ ମଜବୁତ କରେ ଯାହା ଶାନ୍ତି ଏବଂ ପ୍ରଗତିର ଚାବି କାଠି। ଆମକୁ ବିଭାଜନ କରୁଥିବା ବିଷୟ ନୁହେଁ, ଆମକୁ ଏକତ୍ର କରୁଥିବା ପ୍ରସଙ୍ଗଗୁଡିକ ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଭାଜପାକୁ କାହିଁକି ଚାକିରି ଦେବି ?

**କୋଲକାତା(ସଂପର୍କବାର୍ତ୍ତା):-** ଅଗ୍ନିପଥ ଯୋଜନାକୁ ନେଇ ଦେଶରେ ବିରୋଧ ଜାରି ରହିଛି। ଏହି ଯୋଜନା ବିରୋଧରେ ବିରୋଦୀ ଦଳ ନିରନ୍ତର ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମମତା ବାନାର୍ଜୀ କେନ୍ଦ୍ର

## ମମତାଙ୍କ ରୋକ୍‌ଠୋକ୍

ସରକାରଙ୍କୁ ଏ ନେଇ ଘେରିବା ଆରମ୍ଭ କରିଛନ୍ତି। ସେ ଅଗ୍ନିବୀରଙ୍କୁ ଭାଜପା କର୍ମୀ ବୋଲି ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ମୁଁ କାହିଁକି ଭାଜପାକର୍ମୀଙ୍କୁ ଚାକିରି ଦେବି ? ଏହାପୂର୍ବରୁ ମମତା ବାନାର୍ଜୀ ଅଗ୍ନିପଥ ଯୋଜନା ମାଧ୍ୟମରେ ଭାଜପା ଏକ ସଶସ୍ତ୍ର କ୍ୟାଡର ଗଠନ କରୁଥିବା ଅଭିଯୋଗ କରିଛନ୍ତି




ମାମତା।

ସେନାବାହିନୀରେ ଚାରି ବର୍ଷ ପରେ ଅବସର ନେଉଥିବା ଅଗ୍ନିବୀରଙ୍କୁ ଅନେକ ରାଜ୍ୟରେ ଚାକିରି ଦେବା ପାଇଁ ଘୋଷଣା କରାଯାଇଛି। ଏଭଳି ପରିସ୍ଥିତିରେ, ଅଗ୍ନିବୀରଙ୍କୁ ପ୍ରାଥମିକତା ଦେବା ପାଇଁ କେନ୍ଦ୍ର କ୍ରମାଗତ ଭାବରେ ରାଜ୍ୟଗୁଡିକୁ ନିବେଦନ କରୁଛି। ଏ ସଂପର୍କରେ କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ଏକ ଚିଠି ଲେଖିଛନ୍ତି। କେନ୍ଦ୍ରର ଏହି ଚିଠି ଉପରେ ମମତା ବାନାର୍ଜୀ ବିରୋଧ କରିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମମତା ବାନାର୍ଜୀ କହିଛନ୍ତି ଯେ ମୁଁ କେନ୍ଦ୍ରରୁ ଏକ ଚିଠି ପାଇଛି।

ଏଥିରେ ଚାରି ବର୍ଷ ପରେ ଅଗ୍ନିବୀରଙ୍କୁ ଚାକିରି ଦେବା ପାଇଁ କେନ୍ଦ୍ର ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। କେନ୍ଦ୍ର ସରକାର ଚାହୁଁଛନ୍ତି ଯେ ମୁଂ ଭାଜପାକର୍ମୀଙ୍କୁ ଚାକିରୀ ଦେବି। ଆମେ କାହିଁକି ଏପରି କରିବୁ। ମୋର ପ୍ରଥମ ପ୍ରାଥମିକତା ହେଉଛି ରାଜ୍ୟର ଯୁବକମାନଙ୍କୁ ଚାକିରି କିପରି ଯୋଗାଇ ଦିଆଯିବ।

# ୧ରୁ ପ୍ଲାଷ୍ଟିକ୍ ନିଷିଦ୍ଧ, କିନ୍ତୁ ବିକ୍ରି ଜୋର୍‌ଦାର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପରିବେଶ ଉପରେ ପ୍ଲାଷ୍ଟିକ ଦ୍ୱାରା ବଢୁଥିବା ଖରାପ ପ୍ରଭାବକୁ ରୋକିବା ପାଇଁ ସରକାର ଆଜିଠାରୁ ସାରା ଦେଶରେ ଏକକ ବ୍ୟବହାର ପ୍ଲାଷ୍ଟିକ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ସରକାରଙ୍କ ଏହି ନିଷ୍ପତ୍ତି ପରେ ବର୍ତ୍ତମାନ ପ୍ଲାଷ୍ଟିକରେ ନିର୍ମିତ ଅନେକ ଜିନିଷର

## ଶୁଣୁଛି/ମାନୁଛି କିଏ ?

ବିକ୍ରୟ ବନ୍ଦ ହୋଇଯିବ। ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକରେ ଏପରି ଅନେକ ଜିନିଷ ଅଛି ଯାହାକୁ ସମସ୍ତେ ବ୍ୟବହାର କରନ୍ତି ବାରଣ କାରଯାଇଥିବା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ମଧ୍ୟ ଏକ ତାଲିକା ପ୍ରକାଶ କରିଛି। ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟବହାର କରନ୍ତି। ବାରଣ କରାଯାଇଥିବା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ମଧ୍ୟ ଏକ ତାଲିକା ପ୍ରକାଶ କରିଛି। ଏକକ ବ୍ୟବହାର ପ୍ଲାଷ୍ଟିକ




ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଲେ ଏହାର ଆବର୍ଜନା ପରିମାଣ ହ୍ରାସ ପାଇବ ବୋଲି ସରକାର ବିଶ୍ୱାସ କରନ୍ତି । କାରଣ ଏକକ ବ୍ୟବହାର ପ୍ଲାଷ୍ଟିକର ପୁନଃ ବ୍ୟବହାର କରିବା କଷ୍ଟକର ଏବଂ ମହଙ୍ଗା ଅଟେ । ଅତଏବ, ଏହାର ଅଧିକାଂଶ ଅଂଶ କୌଣସି ରୂପରେ ପରିବେଶକୁ ଫେରିଯାଏ, ଯାହା ପ୍ରକୃତିର ଅନେକ ଉପାୟରେ କ୍ଷତିକରିଥାଏ। ଭାରତରେ ପ୍ରତିଦିନ ୨୬ହଜାର ଟନ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଉତ୍ପନ୍ନ ହୁଏ, ଯେଉଁଥିରୁ କେବଳ ୬୦ପ୍ରତିଶତ ସଂଗ୍ରହ କରାଯାଏ। ଅବଶିଷ୍ଟ ଚାଳିଶ ପ୍ରତିଶତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଦେଶର ନଦୀ ଓ ସ୍ରୋତରେ ପଡିଥିବାର ଦେଖିବାକୁ ମିଳେ । ତେବେ ତାଲିକା ପ୍ରଦାନ କରିବା ସହିତ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ମଧ୍ୟ ଏହାକୁ କଡାକିଡି ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରଣାଳୟ କଡା ନିର୍ଦ୍ଦେଶ ଦେଇଛି ଯେ ,ଯଦି କୌଣସି ବ୍ୟକ୍ତି ପ୍ଲାଷ୍ଟିକ ବ୍ୟବହାର କରୁଛନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇନ ଉଲ୍ଲଂଘନକାରୀଙ୍କୁ କାରାଦଣ୍ଡ ସହିତ ଦଣ୍ଡିତ କରାଯାଇପାରେ ଯାହା ପାଂଚ ବର୍ଷ ପର୍ଯ୍ୟନ୍ତ ବଢିପାରେ କିମ୍ବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗିପାରେ କିମ୍ବା ଉଭୟ ହୋଇପାରେ। ଏଥି ସହିତ ଉଲ୍ଲଂଘନକାରୀଙ୍କୁ ପ୍ରତିଦିନ ପାଂଚ ହାଜର ଟଙ୍କା ଜରିମାନ ମଧ୍ୟ କରାଯାଇପାରେ।

## ପ୍ରଥମ ପୃଷ୍ଠାରୁ...

### ବିଜେବି...

ହେଲେ ତାଙ୍କ ପଇସାର କିଛି ମୂଲ୍ୟ ନାହିଁ କାରଣ ସିନିୟର ମୋତେ ବହୁତ ଡିପ୍ରେସ କଲେ। ସମସ୍ତେ ଜାଣିଛନ୍ତି ଆମ କଲେଜ୍‌ରେ ରାଗିଂ ହୁଏ। କିନ୍ତୁ ସିନିୟର ହଷ୍ଟେଲରେ ମୋତେ ବଞ୍ଚେଇ ଦେଲେନି। ମୋ ବାପା ବୋଉଙ୍କ ଲୁହରେ ସେମାନେ ଭାସିଯିବେ। ଜମା ଆଗକୁ ବଢି ପାରିବେନି। ମୁଁ ଏ କଥା କାହାକୁ କହି ପାରିଲିନି। କେବଳ ୩ ଜଣ ସିନିୟରଙ୍କ ପାଇଁ ମୁଁ ଜୀବନ ଦେଉଛି। ସେମାନେ କେବଳ ମୋ ଉପରେ ରାଗ ରଖି ମୋତେ ଡିପ୍ରେସ କଲେ। ମୋତେ ପାଠ ବି ପଢେଇ ଦେଲେନି। ମୋ ରୁମ୍‌ମେଟ୍‌କୁ ବି ଏକଥା ମୁଁ କହିପାରିଲିନି। ଶେଷରେ ଜୀବନ ହାରୁଛି। ଏଭଳି କିଛି ଲେଖା ଲେଖି ଛାତ୍ରୀ ଜଣକ ଆତ୍ମହତ୍ୟା କରିଛନ୍ତି। ସେପଟେ କଲେଜ ବିରୋଧରେ ଅଭିଯୋଗ ଆଣିଛନ୍ତି ମୃତ ରୁଚିକାଙ୍କ ବାପା।

### ୬ ଛାତ୍ରୀ ଫେରାର୍

ରୁଚିକା ଆତ୍ମହତ୍ୟା ପରେ ୬ଜଣ ଛାତ୍ରୀ ଛାଡି ଚାଲିଯିବା ଘଟଣାରେ ପୋଲିସ୍ ତନାଘନା ଆରମ୍ଭ କରିଛି। ସେହିପରି କାରୁବାକି ହଷ୍ଟେଲର ୱାର୍ଡେନ୍ ଓ ସୁପରିଟେଣ୍ଡେଣ୍ଟ୍‌କୁ ପଚରାଉଚରା କରାଯାଉଛି। କମିଶନରେଟ୍ ପୋଲିସ୍ ଜୋନ୍-୪ ଏସିପି ଓ ବଡଗଡ ଥାନା ଅଧିକାରୀ ପଚରାଉଚରା କରୁଛନ୍ତି। ହଷ୍ଟେଲ ରେଜିଷ୍ଟର ଚେକ୍ ବି କରିଛି ପୋଲିସ୍। ରୁଚିକାଙ୍କ ବାପା କଲେଜ୍ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି। ହଷ୍ଟେଲ ଛାଡି ଚାଲିଯାଇଥିବା ୬ ଜଣ ଛାତ୍ରୀଙ୍କ ମଧ୍ୟରେ ଏହି ୩ଜଣ ଛାତ୍ରୀ ଅଛନ୍ତି କି ? ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ୧୩୪ଜଣ ଛାତ୍ରୀଙ୍କୁ ପଚରାଉଚରା କରୁଛି ପୋଲିସ୍

ଛାତ୍ରୀଜଣକ ଆତ୍ମହତ୍ୟା କରିଥିବା କାରୁବାକି ହଷ୍ଟେଲର ୧୩୪ଜଣ ଛାତ୍ରୀଙ୍କ ପଚରାଉଚରା କରୁଛି ପୋଲିସ୍। ହଷ୍ଟେଲ ୱାର୍ଡେନ୍, ଆସିଷ୍ଟାଣ୍ଟ ୱାର୍ଡେନ୍, ଛାତ୍ରୀନିବାସ ସମସ୍ତ କର୍ମଚାରୀ ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। କମିଶନରେଟ୍ ପୋଲିସ୍‌ର ତିନିଟି ଟିମ୍ ଘଟଣାର ତଦନ୍ତ କରୁଛନ୍ତି। ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ପଛରେ ତିନିଜଣ ସିନିୟରଙ୍କ ସନ୍ଧାନ ପାଇବାକୁ ଏପରି ପଚରାଉଚରା ଚାଲିଥିବା ଜଣାପଡିଛି।

### ଜଳିଲା ରୁଚିକାଙ୍କ ଜୁଇ

ଯେଉଁ ହାତରେ ନିଜ ଝିଅକୁ ପାଳିପୋଶି ବଡ କରିଥିଲେ ସେହି ହାତରେ ତାକୁ ଶଶ୍ମାନକୁ ନେଇ ପୋଡିଦେଇ ଆସିଲେ। ବିଜେବି କଲେଜ୍ କାରୁବାକି ହଷ୍ଟେଲ୍ ୨୦୧ ନଂ ରୁମ୍‌ରୁ ଯୁକ୍ତ ତିନି ବର୍ଷର ଇତିହାସ ଅନର୍ସ ଛାତ୍ରୀ ରୁଚିକା ମହାନ୍ତିଙ୍କ ଶେଷକୃତ୍ୟ ଆଜି ତାଙ୍କ ଗାଁ କ-ଖଡିରେ ସଂପନ୍ନ ହୋଇଛି। ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ଝିଅକୁ ନିଆଁ ଦେବା ବେଳେ ବାପାଙ୍କ ଆଖିରେ ଲୁହ କହୁଥିଲା ସନ୍ତାନ ଅଦିନରେ ଛାଡି ଚାଲିଯିବାର ଦୁଃଖ। ମୃତ ଛାତ୍ରୀଙ୍କ ବାପା ମା ଦୋଷୀକୁ ଖୋଜି ବାହାର କରିବାକୁ ଦାବି କରିଛନ୍ତି। ପରିବାର ପକ୍ଷରୁ କୁହାଯାଇଛି ରୁଚିକା ଛୋଟ ବେଳୁ ଜଣେ ମେଧାବୀ ଛାତ୍ରୀ ଥିଲେ। ତାଙ୍କ କ୍ୟାରିୟର୍‌କୁ ନେଇ ଲୋକେ ଅନେକ ସ୍ୱପ୍ନ ଦେଖୁଥିଲେ। ହେଲେ ସବୁକିଛି ଅଧୁରା ରହିଗଲା। ପିଲା ପାଠପଢି ଭବିଷ୍ୟତ ଗଢିବାକୁ ଯାଇଥିଲା। ହେଲେ ପିଲା ପଢା ଶିକ୍ଷାନୁଷ୍ଠାନରେ ଏଭଳି ନିର୍ଯ୍ୟାତନା ଦିଆଯିବା ଶୁଣିଲା ବେଳକୁ ଅଭିଭାବକମାନଙ୍କ ଛାତି ଥରିଯାଉଛି। ଅନ୍ୟପଟେ ଏହି ଛାତ୍ରୀ ଆତ୍ମହତ୍ୟା ଘଟଣା ବିଧାନସଭାରେ ଉଠାଇବୁ ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତନ ମୋହନ ମାଝୀ। ସେହିପରି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀକୁ ଗିରଫ କରାଯିବ ବୋଲି ଦାବି କରିଛନ୍ତି କଂଗ୍ରେସ ବିଧାୟକ ସୁର ରାଉତରାରୟ। ଆଗାମୀ ଦିନରେ କଂଗ୍ରେସ ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବ ବୋଲି କହିଛନ୍ତି। ପ୍ରକାଶ ଥାଉକି ରୁଚିକା ବିଜେବି +୩ର ପ୍ରଥମ ବର୍ଷ କଳାର ଛାତ୍ରୀ ଥିଲେ। ସେ କାରୁବାକି ହଷ୍ଟେଲ୍ ନଂ-୨୦୧ରେ ରହୁଥିଲେ। ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ।

### ତିର୍ତ୍ତୋଲ୍‌ରେ...

ହେଉଛି।

ବିଷ୍ଣୁଙ୍କ ଦେହାନ୍ତ ପରେ ତାଙ୍କ ପୁଅ ବିଜୟ ଶଙ୍କର ଦାସଙ୍କୁ ଉପ-ନିର୍ବାଚନରେ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ କରାଇବା ଓ ଅନୁକମ୍ପାମୂଳକ ଭୋଟ ସହ ବିପୁଳ ବ୍ୟବଧାନରେ ବିଜୟୀ ହୋଇଥିଲେ ବିଧାୟକ ବିଜୟ ଶଙ୍କର। ଆଗାମୀ ଭବିଷ୍ୟତକୁ ନଜରରେ ରଖି ବାପାର ନାଁ ରଖିବା ପରିବର୍ତ୍ତେ ବିଧାୟକ ବିଜୟ ଶଙ୍କର ବିବାଦ ମଧ୍ୟକୁ ଠେଲି ହୋଇଯାଉଥିବାକୁ ନେଇ ବିଷ୍ଣୁଙ୍କ ଅନ୍ତରଙ୍ଗ ବ୍ୟକ୍ତି ବା ସହଯୋଗୀମ ଆତ୍ମୀୟମାନେ ଦୁଃଖ ପ୍ରକାଶ କରୁଛନ୍ତି। ଜଣେ ଉଚ୍ଚ ଶିକ୍ଷିତ ବିଧାୟକ ବିଜୟ ଶଙ୍କର ନିଜ ବିଚାରଧାରାରେ ଯାଇ ରାଜ୍ୟ ରାଜନୀତିରେ ଶୀର୍ଷ ସ୍ଥାନରେ ପହଞ୍ଚିବାକୁ ସମଗ୍ର ଜିଲ୍ଲାରେ ବିଷ୍ଣୁ ପ୍ରେମୀ ଚାହୁଁଥିବା ବେଳେ ଏପରି ବିପରୀତ ଘଟଣାମାନ ଘଟୁଥିବା ଓ କିଛି ଦଳୀୟ କର୍ମୀ ବିଧାୟକ ବିଜୟ ଶଙ୍କରଙ୍କ ଠାରୁ ଫାଇଦା ଉଠାଇବା ଲକ୍ଷ୍ୟରେ ବିବାଦ ମଧ୍ୟକୁ ଠେଲିଦେବା ଉଚିତ୍ ହେଉନାହିଁ ବୋଲି ବରିଷ୍ଠ ରାଜନୈତିକ ବିଶେଷଜ୍ଞମାନେ ଏପରି ଆଲୋଚନା କରୁଥିବା ମଧ୍ୟ ଶୁଣାଯାଉଛି।

### ପାଣ୍ଡିଆନ୍‌ଙ୍କ...

ପାଇଁ ଅର୍ଥ ସାଜିଥିଲା ବାଧକ। ଗରିବ ପରିବାର ଶିଶୁଟିକୁ ଚିକିତ୍ସା କରିବାକୁ ସମର୍ଥ ନଥିଲେ। ଏ ନେଇ କିଛି ସାମାଜିକ କର୍ମୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଦୁବାଇରେ ଅନୁଷ୍ଠିତ ହେଉଥିବା ମେକ୍‌ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ଦୁବାଇ ଗସ୍ତ କରିଛନ୍ତି।

କାର୍ଯ୍ୟକ୍ରମର ବ୍ୟସ୍ତତା ମଧ୍ୟରେ ବି ଏହି ଖବର ଶୁଣି ସଙ୍ଗେ ସଙ୍ଗେ ଶିଶୁଟିର ଚିକିତ୍ସା ବ୍ୟବସ୍ଥା କରାଇଛନ୍ତି ୫-ଟି ସଚିବ। ଶିଶୁଟିକୁ ଭୁବନେଶ୍ୱର କିମ୍ସ ମେଡିକାଲକୁ ସ୍ଥାନାନ୍ତର କରିବା ସହ ସମସ୍ତ ଆନୁଶଙ୍ଗିକ ବ୍ୟବସ୍ଥା ତୁରନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଶିଶୁଟିକୁ ଏବେ କିମ୍ସ ମେଡିକାଲ୍‌ରେ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଚିକିତ୍ସା କରୁଛନ୍ତି।

### ଚଟୁଆରେ...

ନେଇଥିଲେ। ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଠାକୁରଙ୍କ ନୀତିନିୟମ ଅନୁସାରେ ଧୂପ, ଦୀପ, ଆଳତୀ ସହିତ ପୂଜାର୍ଚ୍ଚନା ଶେଷ ହୋଇଥିଲା। ଠାକୁର ଗୋପୀନାଥଜୀଉ ମନ୍ଦିରକୁ ଯାଇଥିଲେ। ଆଖପାଖରେ ରଥଟଣା କେଉଁଠି ନ ଥିବାରୁ ଜଗନ୍ନାଥଙ୍କ ଭକ୍ତମାନଙ୍କ ବେସ୍ ସମାଗମ ଦେଖିବାକୁ ମିଳିଥିଲା।

# ନକଲି ସରକାରୀ ଚାକିରି

**ଭଦ୍ରକ(ସଂପର୍କବାର୍ତ୍ତା):-** ଭୁଲ ଜାତିଗତ ପ୍ରମାଣ ପତ୍ର ଦେଇ କରିଛନ୍ତି ଚାକିରି। ସେବି ପୁଣି ଛୋଟ ମୋଟ ଚାକିରି ନୁହେଁ, ରାଜସ୍ୱ ନିରିକ୍ଷକ ପଦବୀରେ ଚାକିରି କରିଛନ୍ତି। ଏ ନେଇ ସୂଚନା ଅଧିକାର ଆଇନ ଜରିଆରେ ଜଣାପଡିବା ପରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ କୌଣସି ସୁଫଳ ନମିଳିବାରୁ ଅଭିଯୋଗକାରୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି।




ଖବର ଅନୁସାରେ ଭଦ୍ରକ ଜିଲ୍ଲାର ଭଦ୍ରକ ତହସିଲ ଅଧୀନରେ ରାଜସ୍ୱ ନିରୀକ୍ଷକ ଭାବେ ଗଜେନ୍ଦ୍ର ଦାସ କାର୍ଯ୍ୟରତ ଅଛନ୍ତି। ସେ ୨୦୧୩ ମସିହାରେ ଚାକିରି ବେଳେ ଅନୁସୂଚିତ ଜନଜାତିର ପ୍ରମାଣପତ୍ର ଦେଇଥିଲେ। କିନ୍ତୁ ପରେ ସୂଚନା ଅଧିକାର କର୍ମୀ ବିକାଶ ଧଳ ଆଇଟିଆଇ ମାଧ୍ୟମରେ ପାଇଥିବା ରିପୋର୍ଟରେ ଏହି ପ୍ରମାଣପତ୍ର ନକଲି ବୋଲି ଜାଣିଥିଲେ। ଏ ନେଇ ସେ ମାନ୍ୟବର ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଅଦାଲତ ଭଦ୍ରକ ଜିଲ୍ଲାପାଳଙ୍କୁ ୩ ମାସ ମଧ୍ୟରେ ଜାତିଗତ ପ୍ରମାଣପତ୍ର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଯାଞ୍ଚ କମିଟି ପରେ ଅଭିଯୋଗର ସତ୍ୟତା ଥିବା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ପରେ ନିୟମ ଅନୁଯାୟୀ ସଂପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ଦରମା ବନ୍ଦ ସହ ସରକାରୀ ସୁବିଧା ଉପରେ ଅଙ୍କୁଶ ଲଗାଇବା ସହିତ କାର୍ଯ୍ୟାନୁଷ୍ଠାନ ନିଆଯିବା କଥା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ଆବେଦନକାରୀ ପୁଣି ଥରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ସପ୍ତାହରେ ୪ ଦିନ କାମ, ୩ଦିନ ଛୁଟି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କର୍ମଚାରୀଙ୍କ ପାଇଁ ଖୁସିର ଖବର। ଜୁଲାଇ ପହିଲାରୁ ନୂତନ ଶ୍ରମ କୋର୍ଡ କାର୍ଯ୍ୟକାରୀ କରିବାକୁ ସରକାର ପ୍ରସ୍ତୁତ ହେଉଥିବା ଜଣାପଡିଛି। ସବୁଠାରୁ ବଡ କଥା ହେଉଛି ନୂତନ ଶ୍ରମ କୋର୍ଡ କାର୍ଯ୍ୟକାରୀ ହେବା ସହ ଚାକିରି କରୁଥିବା କର୍ମଚାରୀଙ୍କ ପାଇଁ ନିୟମରେ ଅନେକ ପରିବର୍ତ୍ତନ ଆସିବାକୁ ଯାଉଛି। ଏହି ନୂଆ ଆଇନ ଅନୁସାରେ କର୍ମଚାରୀ ମାନେ ପିଏଫ୍ ଓ ଗ୍ରାଚ୍ୟୁଇଟି ଭଳି ଅବସରକାଳୀନ ସୁବିଧା ପାଇପାରିବେ। ତାହଛଡା ସାପ୍ତାହିକ ଛୁଟି ମଧ୍ୟ ବୃଦ୍ଧି ପାଇପାରେ ଯଦି ଜଣେ କର୍ମଚାରୀ ଚାକିରି ଛାଡନ୍ତି, ଚାକିରି ଛାଡିବାର ଦୁଇ ଦିନ ମଧ୍ୟରେ ତାଙ୍କୁ ତାଙ୍କର ସମ୍ପୂର୍ଣ୍ଣ ଟଙ୍କା ମିଳିପାରିବ ବୋଲି କୁହାଯାଇଛି। ନୂଆ ଶ୍ରମ କୋର୍ଡ ଅନୁଯାୟୀ କମ୍ପାନୀ ଛାଡିବା ବହିଷ୍କାର ଓ ଅବସର ଗ୍ରହଣର ଦୁଇ ଦିନ ମଧ୍ୟରେ କର୍ମଚାରୀଙ୍କୁ ଦେୟ ଦେବାକୁ ପଡିବ।




ତାହାଛଡା ଏହି ନୂତନ ଶ୍ରମ କୋର୍ଡର ନିୟମ ଅନୁସାରେ କର୍ମଚାରୀଙ୍କ ପାଇଁ ଏଥିରେ ଏକ ବଡ ପରିବର୍ତ୍ତନ ହେବାକୁ ଯାଉଛି। କୁହାଯାଇଛି କି କର୍ମଚାରୀଙ୍କୁ ଦେୟ ଦେବାବକୁ ପଡିବା ତାହା ଛଡା ଏହି ନୂତନ ଶ୍ରମ କୋର୍ଡର ନିୟମ ଅନୁସାରେ କର୍ମଚାରୀଙ୍କ ସହତ କର୍ମଚାରୀଙ୍କ କାର୍ଯ୍ୟ ସେମୟକୁ ବୃଦ୍ଧି କରିବାକୁ କୁହାଯାଇଛି। ଯଦି ଏହି ନିୟମ ଲାଗୁହୁଏ ତେବେ କର୍ମଚାରୀ ମାନଙ୍କୁ ୧୨ଘଣ୍ଟା କାମ କରିବାକୁ ହେବ। ଜଣେ କର୍ମଚାରୀ ସପ୍ତାହକୁ ୪ଦିନରେ ମୋଟ୍ ୪୮ଘଣ୍ଟା କାମ କରିବେ। ମିଳିଥିବା ସୂଚନା ଅନୁସାରେ କେନ୍ଦ୍ର ସରକାର ଫେବୃଆରୀ ୨୦୨୧ରେ ଏନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। କର୍ମଚାରୀଙ୍କ ମଜୁରୀ ସାମାଜିକ ସୁରକ୍ଷା ଶିଳ୍ପ ସମ୍ପର୍କ ଏବଂ ବୃତ୍ତିଗତ ସୁରକ୍ଷା ଉପରେ ଧ୍ୟାନ ରଖିଛନ୍ତି। ଏହି ୪ଟି ନିୟମ ଉପରେ ପରିବର୍ତ୍ତନ କରାଯାଉ ବୋଲି କେନ୍ଦ୍ର ସରକାର ଚାହୁଁଛନ୍ତି।


RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା
SAMPARK BARTA
ODIA WEEKLY

ଜୁଲାଇ ୪ରୁ ୧୦, ୨୦୨୨, ଜଗତସିଂହପୁର
July 4 to 10 , 2022, Jagatsinghpur

www.samparkabarta.in



# ସିଏମ୍‌ସି ଯନ୍ତ୍ରୀଙ୍କୁ ଅଭୟବାଣୀ

**କଟକ(ସଂପର୍କବାର୍ତ୍ତା):-** ନିୟମ ରହିଛି ସରକାରୀ କର୍ମଚାରୀ ଗୋଟିଏ ପଦରେ ତିନି ବର୍ଷରେ ବଦଳି ହେବେ । ସରକାରୀ ସେମାରେ ସ୍ୱଚ୍ଛତା ଆଣିବା ପାଇଁ ଏପରି ନିୟମ କରାଯାଇଥିଲା ବେଳେ କଟକ ମହାନଗର ନିଗମ (ସିଏମ୍‌ସି)ରେ ଏହାର ବ୍ୟତିକ୍ରମ ଦେଖାଯାଇଛି । ସିଏମ୍‌ସି ଯାନ୍ତ୍ରୀକ ବିଭାଗରେ ଇଂଜିନିୟର ବା ଯନ୍ତ୍ରୀମାନେ ବର୍ଷ ବର୍ଷ ଧରି ବଦଳି ହେଉନାହାନ୍ତି । ରାଜ୍ୟ ସରକାରଙ୍କ ବଡ ବଡ ଅଧିକାରୀ ଓ ନିଗମର କେତେକ ଯନ୍ତ୍ରୀଙ୍କ ସଲାସୁତୁରା ଯୋଗୁ ନିର୍ଦ୍ଦିଷ୍ଟ ଯନ୍ତ୍ରୀଙ୍କ ବଦଳି ପ୍ରକ୍ରିୟାକୁ ବନ୍ଦ କରିଦିଆଯାଇଛି । ଫଳରେ ସହରର ଉନ୍ନତି ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ନିର୍ଦ୍ଦିଷ୍ଟ ଯନ୍ତ୍ରୀମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଅନେକ ଯୋଜନା ସଫଳ ହୋଇପାରୁ ନାହିଁ । ତିନି ବର୍ଷ ନୁହେଁ କି ପାଞ୍ଚ ବର୍ଷ ନୁହେଁ ଏମିତିକି କୋଡିଏ ବର୍ଷରୁ ଅଧିକ ଧରି ଯନ୍ତ୍ରୀମାନେ ପଦରେ ରହିଥିବା ଜଣାପଡିଛି । ଏଥି ମଧ୍ୟରୁ ତିନିଜଣଙ୍କ ନାମରେ ଭିଜିଲାନ୍ସ ମାମଲା ଥିଲେବି ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଘଣ୍ଟ ଘୋଡାଇବା ଯୋଗୁ ନିର୍ଦ୍ଦ୍ୱନ୍ଦରେ ରହିଛନ୍ତି । ନିଗମରେ ଗୋଟିଏ ପରେ ଗୋଟିଏ ଦୁର୍ନୀତି ଧରାପଡୁଥିଲା ବେଳେ ଯନ୍ତ୍ରୀମାନଙ୍କୁ କିଏ ସୁରକ୍ଷା ଦେଉଛି ସେ ନେଇ ପ୍ରଶ୍ନ ସୃଷ୍ଟି କରିଛି । ଏମିତିକି ଯେଉଁମାନେ ନିଗମକୁ ବଦଳି ହୋଇ ଆସୁଛନ୍ତି, ସେମାନେ ନିଗମ ଛାଡି ଯିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି । ମିଳିଥିବା ସୂଚନା ମୁତାବକ ନିଗମରେ ୧୮ ଜଣ ଯନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ଏଥି ମଧ୍ୟରୁ ନିର୍ବାହୀ ଯନ୍ତ୍ରୀ ଭାଗ୍ୟଧର ସାହୁ ୨୦୧୬ ମେ ୧୮ରୁ କାର୍ଯ୍ୟ କରି ଆସୁଛନ୍ତି । ତାଙ୍କର ବଦଳି ସମୟ ହୋଇସାରିଥିଲେ ବି ବଦଳି ପ୍ରକ୍ରି କରାଯାଇ ନାହିଁ । ସେହିପରି କନିଷ୍ଠ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ବିଶ୍ୱାଳ ୧୯ ଫେବୃଆରୀ ୧୯୯୬ରୁ କାର୍ଯ୍ୟ କରିଆସୁଛନ୍ତି । ୧୮ ଜଣ ଯନ୍ତ୍ରୀଙ୍କ ମଧ୍ୟରେ ସେ ସର୍ବାଧିକ ୨୪ ବର୍ଷ ହେବ ନିଗମରେ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେହିପରି କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ନାରାୟଣ

## ବଦଳି ନାହିଁ

ମିଶ୍ର ୧୬ ଫେବୃଆରୀ ୨୦୦୮ରୁ କାର୍ଯ୍ୟ କରୁଛନ୍ତି । କନିଷ୍ଠ ଯନ୍ତ୍ରୀ ଲଳିତେନ୍ଦୁ ନାୟକ ୧୬ ସେପ୍ଟେମ୍ବର ୨୦୧୦ରୁ କାର୍ଯ୍ୟ କରୁଥିଲା ବେଳେ ସରକାରୀ ଯନ୍ତ୍ରୀ ଦୀରେନ୍ଦ୍ର କୁମାର ପ୍ରଧାନ ୬ ମାର୍ଚ୍ଚ ୨୦୧୪ରୁ କାର୍ଯ୍ୟ କରି ଆସୁଛନ୍ତି । ସହକାରୀ ଯନ୍ତ୍ରୀ ଦିଲ୍ଲୀପ କୁମାର ସାହୁ ୯ ଜୁଲାଇ ୨୦୧୩ ସହକାରୀ ଯନ୍ତ୍ରୀ ମନୋଜ କୁମାର ଦେବତା ୧୯ ଅକ୍ଟୋବର ୨୦୧୨ରୁ ଦାୟିତ୍ୱରେ ଯୋଗ ଦେଇଥିଲା ବେଳେ କନିଷ୍ଠ ଯନ୍ତ୍ରୀ (ଇଲେକ୍ଟ୍ରିକାଲ) ବିପିନ ବିହାରୀ ପ୍ରଧାନ ୧୯ ଜୁନ୍ ୨୦୧୩ରୁ କାର୍ଯ୍ୟ କରୁଛନ୍ତି । କନିଷ୍ଠ ଯନ୍ତ୍ରୀ ପ୍ରତାପ ସାମଲ ୭ ସେପ୍ଟେମ୍ବର ୨୦୧୬, କନିଷ୍ଠ ଯନ୍ତ୍ରୀ ଗୀତାରାଣୀ ସାହୁ ୧୧ ଜୁନ୍ ୨୦୧୨ ଓ ସାଗତିକା ମହାନ୍ତି ୬ ଜୁଲାଇ ୨୦୧୫, ସହକାରୀ ଯନ୍ତ୍ରୀ (ଇଲେକ୍ଟ୍ରିକାଲ) ସୁଶାନ୍ତ ମୌଳିକ ସେବା ଠିକ୍ ଭାବେ ସହରବାସୀ ପାଉ ନଥିବାବେଳେ ନିର୍ଦ୍ଦିଷ୍ଟ କେତେକ ଯନ୍ତ୍ରୀ ପଦୋନ୍ନତି ପାଇଁ ଜୋରଦାର ଲବି ଆରମ୍ଭ କରିଛନ୍ତି । ଡିପାର୍ଟମେଣ୍ଟାଲ ପ୍ରମୋସନ କମିଟି (ଡିପିସି) ପାଇଁ ସିସିଆର ଦିଆଯିବାର ବ୍ୟବସ୍ଥା ପ୍ରହସନରେ ପରିଣତ ହୋଇଥିବା ବେଳେ ଅଧିକାଂଶ ନାଳନର୍ଦ୍ଦମା ଅବସ୍ଥା ଶୋଚନୀୟ ହୋଇ ପଡିଛି । ସେହିପରି ସହରର ଏକାଧିକ ରାସ୍ତା ନିର୍ମାଣ ପାଇଁ ଯୋଜନା ଥିଲେ ବି ବିଳମ୍ବିତ କରାଯାଉଛି । ଅନେକ ସମୟରେ ମିଥ୍ୟା ବିଲ୍ କରାଯାଇ ଆତ୍ମସାତ୍ ପାଇଁ ବାଟ କରାଯାଉଥିବା ନଜିର ରହିଛି । ପୂର୍ବରୁ କାଉନସିଲ ଥିଲା ସମୟରେ ମଧ କର୍ପୋରେଟରମାନେ ଅଧିକ ବର୍ଷ ଧରି ରହିଥିବା ଯନ୍ତ୍ରୀଙ୍କୁ ବଦଳି ପାଇଁ ଦାବି କରିଥିଲେ । ମାତ୍ର ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ତ ଅଧିକାରୀମାନେ ବଦଳି ନ କରିବାର କାରଣ ନେଇ ସନ୍ଦେହ ପ୍ରକାଶ ପାଇଛି । ନଗର ଉନ୍ନୟନ ବିଭାଗ ସଚିବ ଓ ପୌର ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କର୍ତ୍ତପକ୍ଷଙ୍କୁ ନୀରବତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଯାନ୍ତ୍ରିକ ବିଭାଗର ଅପାରଗତା ଯୋଗୁ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି ।

# ସତରେ କଂଗ୍ରେସ ଛାଡିବେ ଦୁଇ ଭାଇ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଖୁବ୍ ଶୀଘ୍ର ରାଜ୍ୟ କଂଗ୍ରେସକୁ ଲାଗିପାରେ ଡବଲ୍ ଝଟ୍‌କା । ଦଳ ସଜାଡିବାକୁ ନୂଆ ସଭାପତି ଉଦ୍ୟମ ଜାରି ରହିଥିବା ବେଳେ ଅନ୍ୟ ପଟେ ତୁଙ୍ଗ ନେତା ଦଳ ଛାଡିବେ ବୋଲି ଚର୍ଚ୍ଚା ହେଉଛି । ଏହିକ୍ରମରେ କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ଜଗତସିଂହପୁର ଜିଲ୍ଲାର ଟାଣୁଆ ନେତା ଚିରଞ୍ଜୀବ ବିଶ୍ୱାଳ ଓ ତାଙ୍କ ସାନ ଭାଇ ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ କଂଗ୍ରେସ ଛାଡିବା ନେଇ ରାଜନୀତି ମହଲରେ ଆଲୋଚନା ଜୋର ଧରିଛି ।




ଏହି କ୍ରମରେ କଂଗ୍ରେସ ନେତା କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେବେ ବୋଲି ବିଭିନ୍ନ ଗଣମାଧ୍ୟମରେ ଆଲୋଚନା ହେଉଛି । ଏକଦା କଂଗ୍ରେସର ଦୁର୍ଗ ଭାବେ ପରିଚିତ ଜଗତସିଂହପୁର ଜିଲ୍ଲାଟି ବର୍ତ୍ତମାନ ବିଜେଡି ଦଖଲକୁ ଯାଇଛି । ବର୍ତ୍ତମାନ ସ୍ଥିତିରେ ବିଜେଡିର ବରିଷ୍ଠ ନେତା ବିଷ୍ଣୁ ଦାସଙ୍କ ଦେହାନ୍ତ ଓ ଡ. ଦାମୋଦର ରାଉତଙ୍କ ବାର୍ଦ୍ଧକ୍ୟ ହେତୁ ଜିଲ୍ଲାରେ ଦଳ କ୍ରମଶଃ ଦୁର୍ବଳ ହେଉଛି । ଯଦିଓ ଉଭୟ ବରିଷ୍ଠ ନେତାଙ୍କ ଦୁଇ ପୁତ୍ର ବର୍ତ୍ତମାନ ବିଧାୟକ ଅଛନ୍ତି ସେମାନେ ଦଳୀୟ ମହଲରେ ସେତେଟା ପ୍ରଭାବ ବିସ୍ତାର କରିପାରୁନାହାଁନ୍ତି ।

ସୂଚନାନୁସାରେ, କେବଳ ଏହି ଦୁଇ ଛାମୁଆ ନେତା ନୁହଁନ୍ତି । ବରଂ ଚିରଞ୍ଜୀବଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାରୁ ତାଙ୍କର ଅନେକ ସମର୍ଥକ ତଥା ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ, ପୂର୍ବତନ ପୌରାଧକ୍ଷ ମଧ ଦଳ ଛାଡିବେ ବୋଲି ଆଲୋଚନା ହେଉଛି । ଏହା ଭିତିରି ଏକ ଯୋଜନା ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ କେଉଁମାନେ ଚିରଞ୍ଜୀବଙ୍କ ସହିତ ଦଳ ଛାଡିବେ ତାର ମଧ ଏକ ତାଲିକା ପ୍ରସ୍ତୁତ ସରିଥିବା କୁହାଯାଉଛି । ଅତି ନିକଟରେ ଏହା ବାସ୍ତବ ରୂପ ନେବ ବୋଲି ଆଭାସ ମିଳିଛି ।

ଜଗତସିଂହପୁର ଜିଲ୍ଲାରେ ବିଜୁ ଜନତା ଦଳର ନେତୃତ୍ୱ ଅଭାବ ହେତୁ ଦଳ କ୍ରମଶଃ ଦୁର୍ବଳ ହେଉଥିବା ଲକ୍ଷ୍ୟ କରି ବିଜେଡି ମୁଖିଆ କଂଗ୍ରେସର ଏହି ଦୁଇ ଟାଣୁଆ ନେତାଙ୍କୁ ଦଳକୁ ନେଇ ଦଳୀୟ ସ୍ଥିତିକୁ ମଜବୁତ କରିବାକୁ ଯୋଜନା କରୁଥିବା ନେଇ ରାଜନୈତିକ ପଣ୍ଡିତମାନେ ବିବେଚନା କରୁଛନ୍ତି । ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଶାସକ ବିଜୁ ଜନତା ଦଳର ନେତୃମଣ୍ଡଳୀ ଏପରି ରଣନୀତି କରିପାରନ୍ତି । ତେବେ ଏ ସଂପର୍କରେ ଚିରଞ୍ଜୀବ କିମ୍ବା ରଞ୍ଜୀବଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# ପ୍ଲାଷ୍ଟିକ୍ ଓ ପଲିଥିନ୍ ଯୋଗୁଁ ପରିବେଶ ଦୂଷିତ-ଧର୍ମେନ୍ଦ୍ର

**ପୁରୀ(ସଂପର୍କବାର୍ତ୍ତା):-** ପୁରୀ ପବିତ୍ର ରଥଯାତ୍ରା ଉପଲକ୍ଷେ ଆମେ ଓଡିଆ ଓ ୟୁଥ୍ ଫର ସେବାର ମିଳିତ ସହ ଯୋଗ ରେ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରସ୍ଥିତ ବଡ ଶଙ୍ଖଠାରେ ପ୍ଲାଷ୍ଟିକ୍ ହଟାଅ ଓ ରାସ୍ତା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ପରିବେଶ ଦୂଷିତ ହେବାରେ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୂଳ କାରଣ ଏହାକୁ ଅତି କମ୍ ବ୍ୟବହାର କରିବା ଓ ଆଗାମୀ ପିଢି ପାଇଁ ପରିବେଶ ସୁରିକ୍ଷିତ ରଖିବା ଏହା ହିଁ ଆମର ମୂଳ ଲକ୍ଷ୍ୟ । ଆଜି ସକାଳ ୮ରୁ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ୪୦୦ରୁ ଉର୍ଦ୍ଧ୍ୱ ଯୁବକ -ଯୁବତୀ ଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ସେବାର ମନବୃତି ଭାବନ ରଖି ଏହି ସଂଗଠନ ଆଗେଇଥିଲା କୋଭିଡ ନିୟମାବଳୀକୁ ଦଷ୍ଟିରେ ରଖି ମାସ୍କ ଓ ଦୂରତା ବଜାୟ ରଖି ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହି ଟିମ୍ ରେ ଓଡିଶାର ପ୍ରତ୍ୟେକ ଜିଲ୍ଲାରୁ




ଯୁବକ ଓ ଯୁବତୀ ଯୋଗ ଦେଇ ପ୍ଲାଷ୍ଟିକ୍ ହଟାଇବାର ବାର୍ତ୍ତା ଦେଇଥିଲେ । ଟିମର ସଦସ୍ୟମାନେ ପୁରୀ ଗୁଣ୍ଡିଚା ରାସ୍ତାରେ ବ୍ୟବହାର ହୋଇଥିବା ପଲିଥିନ୍ ଆବର୍ଜନା ସଫା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ମଧ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ହାଇୱେରେ ପେଟ୍ରୋଲିଂ ବନ୍ଦ !

**କଟକ(ତପନ ମହାନ୍ତି):-** ରାଜ୍ୟରେ ବର୍ଦ୍ଧିତ ସଡକ ଦୁର୍ଘଟଣା ପରିପ୍ରେକ୍ଷୀରେ ଅତ୍ୟନ୍ତ ଦୁର୍ଘଟଣା ପ୍ରବଣ ରାସ୍ତାରେ ହାଇୱେ ପାଟ୍ରୋଲ ଅବା ରାଜପଥ ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ଏଥିପାଇଁ ନୂଆ ଗାଡି, ମାନବ ସମ୍ବଳ ଯୋଗାଇ ଦିଆଯାଇଛି । କିନ୍ତୁ ଅନୁସନ୍ଧାନରୁ ଜଣାପଡିଛି ଯେ ଏହି ପାଟ୍ରୋଲିଂ ଟିମ୍ ନିଜ ଦାୟିତ୍ୱ ଠିକ୍ ଭାବେ ପାଳନ କରୁ ନାହାନ୍ତି । ପ୍ରାୟ ୮୦ ଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ହେଲ ବି ନିୟମ ଉଲ୍ଲଙ୍ଘନ ଧରି ନାହାନ୍ତି କିମ୍ବା କୌଣସି ଆହତଙ୍କୁ ଡାକ୍ତରଖାନା ପହଞ୍ଚାଇ ନାହାନ୍ତି । ପୁଲିସ ପକ୍ଷରୁ ନିୟୋଜିତ ଏହି ରାଜପଥ ପାଟ୍ରୋଲିଂ ଟିମ୍‌ର ଏପରି ନକାରାତ୍ମକ କାର୍ଯ୍ୟଧାରାକୁ ନେଇ ପରିବହନ ବିଭା କ୍ଷୋଭ ପ୍ରକାଶ କରିଛି । ଏହି ପରିପ୍ରେକ୍ଷୀରେ ପରିବହନ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କ୍ରାଇବ୍ ବ୍ରାଞ୍ଚ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖବ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଶ୍ରୀ ସେଠୀ ଦର୍ଶାଇଛନ୍ତି ଯ ରାଜ୍ୟର ୫ଟି ଦୁର୍ଘଟଣା ପ୍ରବଣ ରାସ୍ତାର ୩୬ଟି ଅଂଚଳରେ ରାଜପଥା ପାଟ୍ରୋଲିଂ ଆରମ୍ଭ କରାଯାଇଥିଲା । ପାଟ୍ରୋଲିଂ ଟିମ୍‌ର ମଖ୍ୟ ଦାୟିତ୍ୱ ହେଉଛି ଏହି ଅଂଚଳରେ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରିବା ଏବଂ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇ ଜୀବନ ରକ୍ଷା କରିବା । ଏଥିପାଇଁ ପାଟ୍ରୋଲି ଟିମ୍



ଗୁଡିକୁ ନୂଆ ଗାଡି ସହିତ ସ୍ପିଡ୍ ଲେଜର ଗନ୍, ବ୍ରିଦ୍ ଆନାଲାଇଜର୍ ଆଦି ଯୋଗାଇ ଦିଆଯାଇଛି । କିନ୍ତୁ କାମ ହେଉ ନାହିଁ । ରିପୋର୍ଟରୁ ଜଣାପଡିଛି ଯେ ପାଟ୍ରୋଲିଂ ଆରମ୍ଭ କରାଯାଇଥିବା ରାସ୍ତାରେ ପୂର୍ବ ବର୍ଷ ତୁଳନାରେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ୩.୩% ବୃଦ୍ଧି ପାଇଛି । କିନ୍ତୁ ୩୬ ପାଟ୍ରୋଲିଂ ଟିମ୍‌ର ପ୍ରଦର୍ଶନ ରିପୋର୍ଟ କହୁଛି ଗତ ମାର୍ଚ୍ଚ ମାସରେ ସମୁଦାୟ ୮୬୬ଟି ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ ମାମଲା ଧରାପଡିଛି । କିନ୍ତୁ ସେଥି ମଧ୍ୟରୁ ୨୦ଟି ଟିମ୍ ଦ୍ୱାରା ମାସକ ମଧ୍ୟରେ ଗୋଟିଏ ହେଲ ବି ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ ମାମଲା ଧରାପଡି ନାହିଁ । ସେହିପରି ଆଉ ୬ଟି ଟିମ୍ ମାତ୍ର ଗୋଟିଏ ଲେଖାଏଁ ମାମଲା ଧରିବାରେ ସଫଳ ହୋଇଛନ୍ତି । ପାଟ୍ରୋଲିଂ ପାଇଁ ଚିହ୍ନଟ ହୋଇଥିବା ରାସ୍ତାରେ ଦୁର୍ଘଟଣା ଏବଂ ମୃତାହତ ସଂଖ୍ୟା ବୃଦ୍ଧି ପାଉଥିଲେ ସୁଦ୍ଧା ପାଟ୍ରୋଲିଂ ଟିମ୍ ଏ ସମ୍ପର୍କରେ ଅଜ୍ଞ ରହିବା ଚିନ୍ତାର ବିଷୟ । ଏଥିରୁ ଜଣାପଡୁଛି ରାଜପଥ ପାଟ୍ରୋଲିଂ ଟିମ୍ ନିଜ ଦାୟିତ୍ୱ ଠିକ୍ ଭାବେ ପାଳନ କରୁ ନାହାନ୍ତି ବୋଲି ଶ୍ରୀ ସେଠୀ କହିଛନ୍ତି । ଗତ ଏପ୍ରିଲ ୨୦ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ରାଜପଥ ପାଟ୍ରୋଲିଂ ବ୍ୟବସ୍ଥାର ସମୀକ୍ଷା କରାଯାଇଥିଲା । ଏଥିରେ କୁହାଯାଇ ଥିଲା ଯେ ପୁଲିସ ମହାନିର୍ଦ୍ଦେଶକ ପାଟ୍ରୋଲିଂ ଟିମ୍‌ର ପ୍ରଦର୍ଶନ ବୃଦ୍ଧି ପାଇଁ ପଦକ୍ଷେପ ନେବେ । ତେଣୁ ପାଟ୍ରୋଲିଂ ଟିମ୍ ଯେପରି ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବେ ଏବଂ ସେମାନଙ୍କୁ ଦିଆଯାଇଥିବା ଉପକରଣ ବ୍ୟବହାର ହେବ, ତାହା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା ଜରୁରୀ ବୋଲି ପରିବହନ ବିଭାଗ ପକ୍ଷରୁ ପୁଲିସକୁ କୁହାଯାଇଛି ।

# ବାଣୀବିହାରରେ ରଥଯାତ୍ରା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଘୋଷଯାତ୍ରା ପାଇଁ ଚଳଚଂଳ ହୋଇଉଠିଥିଲା ବାଣୀବିହାରର ବାଣୀକ୍ଷେତ୍ର ସାଙ୍ଗରେ ବଡଭାଇ ବଳଭଦ୍ର ଓ ଭଉଣୀ ସୁଭାଦ୍ରାଙ୍କୁ ନେଇ ଦର୍ଶନ ଦେବାକୁ ଭକ୍ତଙ୍କ ଗହଣକୁ ଚାଲିଆସିଥିଲେ କାଳିଆ ସାଆନ୍ତ । ରଥରେ ବିଜେକରି ବଡଭାଇ ଓ ସାନ ଭଉଣୀ ସହ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଛନ୍ତି ଶ୍ରୀଜଗନ୍ନାଥ ଭାବ ଓ ଭକ୍ତିରେ ବାଣୀକ୍ଷେତ୍ରର ଶ୍ରଦ୍ଧାକୁ ରଥ ଗୁଣିଚାମନ୍ଦିର ଆଡକୁ ଟାଣିନେଇଥିଲେ । ସନ୍ଧ୍ୟା ସୁଦ୍ଧା ମହାପ୍ରଭୁଙ୍କ ରଥ ଗୁଣିଚା ମନ୍ଦିରରେ ପହଂଚିଥିଲା ରଥ ଉପରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲେ ।



ବାଣୀକ୍ଷେତ୍ର ବାଣୀବିହାରରେ ଘୋଷଯାତ୍ରା ପାଇଁ ପଥ ରଥ ଓ ପଥ ପ୍ରସ୍ତୁତ ଥିଲା କାଳିଆ ଠାକୁର ରଥକୁ ବିଜେ କଲା ପରେ ଜଗନ୍ନାଥମୟ ହୋଇଉଠିଥିଲା ସମଗ୍ର ପରିବେଶ ରଥାରୂଢ ଶ୍ରୀଜୀଉଙ୍କ ଦର୍ଶନ ଓ ରଥଟାଣିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦେଖାଦେଇଥିଲା ପ୍ରବଳ ଉତ୍ସାହ ଘଣ୍ଟ ଘଣ୍ଟା କାହାଳି, ବାଜବାଦ୍ୟ ସାଙ୍ଗକୁ ହରିବୋଲ ଓ ହୁଳହୁଳିର ପ୍ରକମ୍ପିତ ହୋଇଥିଲା ସାରା ଅଂଚଳ ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ଠାକୁରଙ୍କୁ ପ୍ରଜାର୍ଚ୍ଚନା କରାଯାଇଥିଲା ପ୍ରଥମେ ସୁଦର୍ଶନଙ୍କ ପହଣ୍ଡି ବିଜେ ହେବା ପରେ ବଳଭଦ୍ର ଓ ଦେବୀ ସୁଭଦ୍ରା ଏହାପରେ ପୂର୍ବାହ୍ନରେ ପହଣ୍ଡି ପରେ ଝୁଲି ଝୁଲି ରାଜରାସ୍ତାକୁ ଓଲ୍ଲାଇ ଆସିଥିଲେ ବଡଠାକୁର ସେ ଭକ୍ତର ଭାବ ଓ ଆବେଗର ବନ୍ଧା କାଳିଆଠାକୁର ବଡ କାଳିଆଠାକୁର ବଡ ଭାଇ ବଳଭଦ୍ର ଓ ସାନଭଉଣୀ ସୁଭଦ୍ରାଙ୍କ ସହ ରଥାରୁଢ ହେବା ପରେ ବାଣୀକ୍ଷେତ୍ରରେ ଶ୍ରୀଜୀଉଙ୍କ ପୁରୀ ଗୁଣ୍ଡିଚା ଯାତ୍ରା ବିଧି ଅନୁଯାୟୀ ରଥଯାତ୍ରା ନୀତି ଆରମ୍ଭ ହୋଇଥିଲା ବାଣୀକ୍ଷେତ୍ରରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ୨୮ଫୁଟ ଲମ୍ବର ରଥ ପ୍ରସ୍ତୁତ କରାଯାଇଥିଲା ଏହି ଅବସରରେ କୁଳସଚିବ ଅଭୟ କୁମାର ନାୟକ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ପ୍ରବୋଧକୁମାର ହୋତାଙ୍କ ସମେତ ବାଣୀବିହାର ଜଗନ୍ନାଥ ମନ୍ଦିର ସଭାପତି କର୍ମକର୍ତ୍ତା ଛାତ୍ରଛାତ୍ରୀ ଶିକ୍ଷକ କର୍ମଚାରୀମାନେ ଯୋଗଦେଇଥିଲେ ।

# ଆଜି ଫେରୁଛନ୍ତି ଓଡ଼ିଶାରୁ ଯାଇଥିବା ମୁମ୍ବାଇ ୨୫ ଜଣ ଛାତ୍ରଛାତ୍ରୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଆଜାଦି କା ଅମୃତ ମହୋତ୍ସବ(ଏକେଏମ)- 'ଏକ ଭାରତ ଶ୍ରେଷ୍ଠ ଭାରତ' (ଇବିଏସ୍‌ବି) ଅନ୍ତର୍ଗତ 'ଛାତ୍ର ବିନିମୟ କାର୍ଯ୍ୟକ୍ରମ' ମାଧ୍ୟମରେ ଓଡ଼ିଶାରୁ ୨୫ଜଣ ଛାତ୍ରଛାତ୍ରୀ ଓ ୨ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଏକ ପ୍ରତିନିଧି ଦଳ ମହାରାଷ୍ଟ୍ରର ମୁମ୍ବାଇ ଅଭିମୁଖେ ଯାତ୍ରା କରିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ମହାରାଷ୍ଟ୍ରର ଭାଷା, ସଂସ୍କୃତି, ଶିକ୍ଷା ବ୍ୟବସ୍ଥା, ପର୍ଯ୍ୟଟନସ୍ଥଳୀ ଇତ୍ୟାଦି ଉପରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବେ ।

ଏହି ୨୫ ଜଣିଆ ଟିମ ରାଜ୍ୟ ସରକାରଙ୍କ ସହଯୋଗରେ ଶିକ୍ଷା ବିଭାଗର ଦୁଇ ଅଧିକାରୀ ଶଶଧର ନାୟକ ଏବଂ ଡ. ସୁଜାତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଇଣ୍ଡିଗୋ ଏୟାରଲାଇନ୍ସ ଯୋଗେ ମୁମ୍ବାଇ ଗସ୍ତ କରିଛନ୍ତି । ଠାକୁର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ମୁମ୍ବାଇ, ମହାରାଷ୍ଟ୍ରଠାରେ ଏହି ଦଳ ପାଇଁ ରହିବାର ସମସ୍ତ ବ୍ୟବସ୍ଥା କରାଯାଇଛି ।




ସଂପୃକ୍ତ ପ୍ରତିନିଧି ଦଳ ଆସନ୍ତା ଜୁଲାଇ ୪ ତାରିଖରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ ।

ଓଡ଼ିଶା ଏବଂ ମହାରାଷ୍ଟ୍ର 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅଧୀନରେ ସହଯୋଗୀ ରାଜ୍ୟ ଭାବେ ପରସ୍ପର ସହ ସମ୍ପର୍କ ସ୍ଥାପନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ବଲାଙ୍ଗୀର ତହସିଲ୍‌ଦାର ଅଡୁଆରେ

**ବଲାଙ୍ଗୀର(ସଂପର୍କବାର୍ତ୍ତା):-** ବଲାଙ୍ଗୀର ସଦର ତହସିଲ୍‌ଦାରଙ୍କ ବିରୁଦ୍ଧରେ ଜମି ଠକେଇ କାରବାର ନେଇ ଅଭିଯୋଗ ହୋଇଛି । ପୋଲିସ୍‌ର ସ୍ୱତନ୍ତ୍ର ଟିମ୍ ତଦନ୍ତ ଆରମ୍ଭ କରିଛି । ଏହି ଜମି ଠକେଇରେ କେଉଁମାନେ ସାମିଲ୍ ଅଛନ୍ତି ପୋଲିସ୍ ଏହାର ଛାନ୍‌ଭିନ୍ କରୁଛି । ଯୋଜନାବଦ୍ଧ ଭାବେ ଜମି ହଡପ କରାଯାଇଥିବା ଅଭିଯୋଗ ହୋଇଛି । ଘଟଣାରେ ତହସିଲ୍‌ଦାରଙ୍କ ସମେତ ୯ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି । ଧାରା ୪୨୦ ସହ ଅନ୍ୟ ଧାରାରେ ମଧ ପୋଲିସ୍ ମାମଲା ରୁଜୁ କରିଛି । ମୃତ ବ୍ୟକ୍ତିଙ୍କ ନାଁରେ ଭୂତ ମାଲିକାନା ଆଣି ଜମି ଗରିବ ଲୋକଙ୍କ ହଡପ ହୋଇଥିବା ଅଭିଯୋଗ ହୋଇଛି । ଜମି ହେର୍‌ଫେର୍ ନେତୃତ୍ୱ ଖୋଦ୍ ବଲାଙ୍ଗୀର ତହସିଲ୍‌ଦାର ନେଇଥିବା ସଙ୍ଗୀନ୍ ଅଭିଯୋଗ ଆସିଛି । ସୂଚନା ଅନୁସାରେ ବଲାଙ୍ଗୀର ସଦର




ଉପକୁଣ୍ଡ ଧୂମମରା ଗାଁରେ ହର୍ଷ ଷାଣ୍ଡଙ୍କ ଜମିକୁ ଚଞ୍ଚକତା କରି ବିକ୍ରି ହୋଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଗୋପବନ୍ଧୁ ନଗର ଲାଲତ୍ରିକା ଗାଁର ଲବଣୀ ପୃଷ୍ଟି ଓ ତାଙ୍କ ସ୍ୱାମୀ ମାଧବ ପୃଷ୍ଟି ଏହି ଜମି କିଣିଛନ୍ତି । ଠକେଇ ବିଷୟରେ ଜାଣିବା ପରେ ନ୍ୟାୟ ନ ପାଇ ଶେଷରେ ହର୍ଷଙ୍କ ପରିବାର ଥାନାର ଆଶ୍ରୟ ନେଇଥିଲେ ।

# ସମ୍ପାଦକୀୟ

## ସୂର୍ଯ୍ୟଙ୍କୁ ଜଳ ଅର୍ପଣ

ସୂର୍ଯଦେବଙ୍କୁ ଜଳ ଚଢାଇବା ସମୟରେ ଲୋଟାରେ ଏହି ଜିନିଷ ପକାଇ ଦିଅନ୍ତୁ ଯାହାଦ୍ୱାରା କି ଜୀବନର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଯିବ। ଧାର୍ମିକ ଦୃଷ୍ଟିରୁ ମାନିଲେ ପ୍ରତିଦିନ ସକାଳେ ପ୍ରାୟ ସମସ୍ତେ ଭଗବାନ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରିଥାନ୍ତି। ତେବେ ଲାଭର କଥା ହେବା ତ ଜାଣିବା କ'ଣ ସେହି ଲାଭ ? ଯଦି ଆପଣଙ୍କ ବିବାହ ହୋଇପାରୁନାହିଁ ବା ବୈବାହିକ ଜୀବନରେ କୌଣସି ସମସ୍ୟା ଅଛି ତେବେ ଆପଣ ଲୋଟାରେ ଗୋଟେ ଚୁଟ୍‌କି ହଳଦୀ ପକାଇ ଭଗବାନ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରନ୍ତୁ। ଯେତେବେଳେ ଭଗବାନ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରୁଛନ୍ତି ତମ୍ବାଲୋଟା ବ୍ୟବହାର କରିବେ ଏବଂ ଦୁଇହାତରେ ଲୋଟାକୁ ଧରି ଜଳ ଅର୍ପଣ କରିବେ।

ଯଦି ଆପଣ ଜୀବନରେ ଧନସଂପତ୍ତି ସୁଖସମୃଦ୍ଧିର ଆଶା କରୁଛନ୍ତି ତେବେ ଆପଣ ଲୋଟାରେ ଗୋଟିଏରୁ ଦୁଇଟି କେଶର ପାଖୁଡା ଜଳରେ ପକାଇ ଭଗବାନ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଦିଅନ୍ତୁ। ମନେ ରଖିବେ ଯେତେବେଳେ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରୁଛନ୍ତି ଜଳ ଯେପରି ଆପଣଙ୍କ ପାଦକୁ ସ୍ପର୍ଶ ନ କରେ। ଅକ୍ଷତ ଅର୍ଥାତ୍ ଯେଉଁ ଚାଉଳ ଭାଙ୍ଗି ନଥିବ ସେହି ଅକ୍ଷତ ଜଳରେ ପକାଇ ସୂର୍ଯ୍ୟଦେବଙ୍କୁ ଅର୍ପଣ କଲେ ଜୀବନରେ ପୂର୍ଣ୍ଣଫଳ ମିଳିଥାଏ। ତା ସହିତ ଅନ୍ନ ଓ ଧନର ସମସ୍ୟା ଜୀବନରେ କେବେ ବି ଜୀବନରେ ଆସିନଥାଏ।



ସମ୍ପାଦକ

ଯେତେବେଳେ କୌଣସି ବ୍ୟକ୍ତି ଆପଣ ପଇସା ନେଇ ବସିଯାଏ ଓ ଫେରାଇ ନଥାଏ ବାରମ୍ବାର ସମୟ ଆଗକୁ ବଢାଉଥାଏ ତେବେ ଏଥିରେ ଆପଣ ଶୁଖିଲା ଲଙ୍କାର ୧୧ ଦାନା ଲୋଟାରେ ପକାଇ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରିବେ। ଲଗାତାର ୨୧ ରୁ ୨୭ ଥର ଏହିପରି କରନ୍ତୁ ଏବଂ ଏହାର ଆରମ୍ଭ ରବିବାର ଠାରୁ କରନ୍ତୁ, ନିଶ୍ଚୟ ଫଳ ମିଳିବ।

ଯଦି ଶତ୍ରୁ ବିରୋଧୀ ଜୀବନରେ ଅଧିକ ହଇରାଣ କରୁଛନ୍ତି ଆପଣଙ୍କ ଶନି ରାହୁ କେତୁ ଖରାପ ପ୍ରଭାବ ଦେଖାଉଛନ୍ତି ଆକସ୍ମିକ ସମସ୍ୟାର ବାଧା ଆସୁଛି ଉନ୍ନତି କରିପାରୁନାହାଁନ୍ତି ଦାରିଦ୍ର୍ୟତା ପିଛା ଛାଡୁନି ତେବେ ଗୋଟେ ଚୁଟ୍‌କି କଳା ରାଶି ପକାଇ ଭଗବାନ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ଦିଅନ୍ତୁ। ଏହା କରିବା ଦ୍ୱାରା ସମସ୍ତ କଷ୍ଟ ଦୂର ହୋଇଥାଏ।

ଲାଲ ମନ୍ଦାର ଫୁଲ ଲୋଟାରେ ପକାଇ ଅର୍ଘ୍ୟ ପ୍ରଦାନ କଲେ ଜୀବନରେ କେବେ ବି କୌଣସି ଜିନିଷର ଅଭାବ ରହିବ ନାହିଁ। ଶତ୍ରୁମାନେ ପରାସ୍ତ ହୁଅନ୍ତି। ରାଜ୍ୟ ସୁଖ ମିଳିଥାଏ। ସରକାରୀ ଚାକିରୀ ହେବାର ବାଧା ଆସୁଥିଲେ ଏହି କାର୍ଯ୍ୟକୁ ପ୍ରୟୋଗ କରନ୍ତୁ।

ଯଦି ଆପଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ରହୁଛି ବଳ ପାଉନାହିଁ ଦୁଃଖ ଲାଗୁଛି ଚିନ୍ତା ଲାଗି ରହୁଛି ତେବେ ଭଗବାନ ସୂର୍ଯ୍ୟଦେବଙ୍କୁ ଗୋଟେ ଚୁଟ୍‌କି ଲାଲ ଚନ୍ଦନ ପକାଇ ଜଳ ଅର୍ପଣ କରନ୍ତୁ ଏବଂ ଗାୟତ୍ରୀ ମନ୍ତ୍ରର ଯେତେ ପାରୁଛନ୍ତି ଜପ କରନ୍ତୁ ଦେଖିବେ ସ୍ୱାସ୍ଥ୍ୟର ଉନ୍ନତି ଧିରେ ଧିରେ ହେବ।

ଯଦି ଆପଣ ଚିନି ବା ଗୁଡ ପକାଇ ସୂର୍ଯ୍ୟଦେବଙ୍କୁ ଅର୍ପଣ କରୁଛନ୍ତି ତେବେ ଭଗବାନ ଶନିଦେବ ପ୍ରସନ୍ନ ହୁଅନ୍ତି ଓ ଜୀବନରେ ଖୁସି ଆସିଥାଏ। ଆପଣ ଚାହିଁଲେ ସବୁକିଛି ପକାଇ ଜଳ ଅର୍ପଣ କରିପାରିବେ, କିଛି ସମସ୍ୟା ରହିବ ନାହିଁ।

ଏହା ଏକ ଏପରି ଫୁଲ ଅଟେ ଯାହା ଭଗବାନ ଶିବଙ୍କୁ, ଗଣେଶଙ୍କୁ ପ୍ରାୟ ସବୁ ଦେବାଦେବୀଙ୍କୁ ଚଢା ଯାଇଥାଏ। ଯେବେ ଆପଣ ଜଳରେ ମିଶ୍ରି ବା ଚିନି ଦେଇ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରିଥାନ୍ତି ତ କୁଣ୍ଡଳୀରେ ଦୂଷିତ ମଙ୍ଗଳ ଠିକ୍ ହୋଇଥାଏ। ଯେତେବେଳେ ଅରଖ ଫୁଲ ଦେଇ ଜଳ ଅର୍ପଣ କରିଥାଏ ଜୀବନର ସମସ୍ତ କଷ୍ଟ ଦୂର ହୋଇଥାଏ। ଯେତେବେଳେ ଆପଣଙ୍କୁ ଜୀବନରେ ଆଗକୁ ବଢିବା ପାଇଁ ରାସ୍ତା ଦେଖାଯାଉନାହିଁ ସମସ୍ତ ସମସ୍ୟା ରାସ୍ତା ବନ୍ଦ କରିଦେଉଛି ତେବେ ଅରଖ ଫୁଲ ଦେଇ ଜଳ ଅର୍ପଣ କଲେ ସମସ୍ତ ସମସ୍ୟା ଦୂର ହୋଇ ରାସ୍ତା ମିଳିଥାଏ। ଏହା ସବୁଠାରୁ ଭଲ ଉପାୟ ଅଟେ। ସୂର୍ଯ୍ୟ ଦେବଙ୍କୁ ଜଳ ଅର୍ପଣ କରିବା ପରେ ତିନିଥର ପରିକ୍ରମା କରନ୍ତୁ।

## ସଫଳତା ଚାହାଁନ୍ତି କି ?

ଆଚାର୍ଯ୍ୟ ଚାଣକ୍ୟ ନିଜର ନୀତି ଶାସ୍ତ୍ର ରେ ଜୀବନ ସହ ଜଡିତ ବହୁ ପ୍ରଶ୍ନର ସମାଧାନର ମାର୍ଗ ଦେଇଛନ୍ତି ସଫଳତାକ ପାଇବା ପାଇଁ ଚାଣକ୍ୟ ବହୁ ମାର୍ଗ ସମ୍ପର୍କରେ କହିଛନ୍ତି। ଚାଣକ୍ୟ କୁହନ୍ତି ଯେ ଦିନର ଆରମ୍ଭ ଭଲ ହୋଇଥାଏ, ପୁରା ଦିନ ସକରାତ୍ମକ ହୋଇଥାଏ। ଫଳରେ ଆପଣ ଭଲ ଭାବେ କରି ପାରିଥାନ୍ତି। ଆସନ୍ତୁ ଜାଣିବା ଚାଣକ୍ୟଙ୍କ ନୀତି ଅନୁସାରେ ଆପଣଙ୍କ ଦିନର ଆରମ୍ଭ କିପରି କରିବା ଉଚିତ୍।

୧. କାର୍ଯ୍ୟ ର ଯୋଜନା ପ୍ରସ୍ତୁତ କରନ୍ତୁ

ଚାଣକ୍ୟଙ୍କ ନୀତି ଅନୁସାରେ ବ୍ୟକ୍ତିକୁ ସକାଳେ ପ୍ରଥମେ ପୁରା ଦିନର କାର୍ଯ୍ୟର ଯୋଜାନା ପ୍ରସ୍ତୁତ କରିବା ଉଚିତ୍ କାରଣ ଯଦି ବ୍ୟକ୍ତି ମସ୍ତିସ୍କରେ ପୁରା ଦିନ କାର୍ଯ୍ୟର ଯୋଜନା ରହିବା ତେବେ କାର୍ଯ୍ୟରେ ସଫଳତା ମିଳିବାରେ ସମ୍ଭାବନା ଅଧିକ ହେବ।

୨. ସମୟ ନିର୍ଘଣ୍ଟ ନିହାତି ଜରୁରୀ

ଚାଣକ୍ୟଙ୍କ ଅନୁସାରେ ଯେଉଁ ବ୍ୟକ୍ତି ସମୟରେ ମୂଲ୍ୟ ବୁଝେ ନାହିଁ, ତାଙ୍କୁ କେବେ ବି ଜୀବନରେ ସଫଳତା ମିଳେ ନାହିଁ ତେଣୁ ଆପଣଙ୍କ ସବୁ କାର୍ଯ୍ୟକୁ ସମୟ ସହ ପୁରା କରିବାକ ଚେଷ୍ଟା କରନ୍ତୁ ଫଳର କାର୍ଯ୍ୟରେ ସଫଳତା ପାଇବା ସହ ସମ୍ମାନ ଓ ଧନ ଲାଭ ମଧ୍ୟ ହେବ କାରଣ ବିତି ଯାଇଥିବା ସମୟ କେବେ ବି ଫେରେନା ଆପଣ କେବେଳ ପଶ୍ଚାତାପ ହିଁ କରିବେ।

୩. ସ୍ୱାସ୍ଥ୍ୟର ଧ୍ୟାନ ରଖନ୍ତୁ

ପ୍ରଥମ ସୁଖ ନୀରୋଗ ଶରୀର ହୋଇଥାଏ। ଯେଉଁ ବ୍ୟକ୍ତି ଶରୀରରେ ଦୁଃଖୀ ସେ ନିଜର କାମ ଠିଙ୍ଗରେ କରିପାରନ୍ତି ନାହିଁ। ତେଣୁ ନିଜର କାମକୁ ଭଲ ଭାବେ କରିବା ସହ ସଫଳତା ପାଇବା ପାଇଁ ଆପଣଙ୍କୁ ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଆବଶ୍ୟକ ତେଣୁ ପ୍ରତିଦିନ ସକାଳୁ ଉଠି ଆପଣଙ୍କ ଶରୀରକୁ ସୁସ୍ଥ ରଖିବା ପାଇଁ ପ୍ରଯତ୍ନ କରିନ୍ତୁ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ସାମ୍ପ୍ରତିକ ଜୀବନବୋଧ

ଡକ୍ଟର ମନୋରଞ୍ଜନ ବିଷୋୟୀ
ସଂପର୍କ: ୮୮୯୫୧୪୧୭୨୭

ସମାଜରେ ଚଳପ୍ରଚଳ କରୁଥିବା ମଣିଷମାନେ ନିତ୍ୟ ପ୍ରତ୍ୟହ ଘଟଣାବଳୀର ସାର୍ଥକ ସମନ୍ୱୟ । ମଣିଷ ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ପରିବାର ଓ ସମାଜ । ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ- ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରି ଆସିଛି ।

ବସ୍ତୁତଃ କହିବାକୁ ଗଲେ ଚଳନ୍ତି ସମୟର ମଣିଷ ହେଉଛି- କାଳର ଏକ କରୁଣ ପରିଣତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମେ ନିଜର ଅନେକ ସମସ୍ୟା ସମାଧାନ କରିଥିଲେ ମଧ୍ୟ ଅନେକ ନୂତନ ସମସ୍ୟା ଦେଖାଦେଇଛି । କ୍ରମେ ମଣିଷର ନୈତିକ ଚିନ୍ତାଧାରା ଓ ଆଦର୍ଶ ବିଡମ୍ବିତ ହୋଇଛି । ଫଳରେ ସ୍ୱାଧୀନ ଭାରତର ଜନସାଧାରଣ ଦେଖିଥିବା ନୂତନ ଆଶାର ସ୍ୱପ୍ନ କାଳବକ୍ଷରେ ତିରୋହିତ ହୋଇଯାଇଛି । ସମାଜରେ ଆଶାତୀତ ଭାବେ ବିଭିନ୍ନ ଅପରାଧ, ଚୋରି, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଦୁର୍ନୀତି, ଯୌତୁକଜନିତ ହତ୍ୟା ଓ ଅମାନୁଷିକତା ବୃଦ୍ଧି ପାଇବାରେ ଲାଗିଛି । ଅର୍ଥ ଲାଳସା, ପ୍ରବଞ୍ଚନା, ମିଥ୍ୟା ଓ ପ୍ରଚାରଧର୍ମିତା ମଣିଷର ମଣିଷପଣିଆକୁ କଳୁଷିତ କରିଛି । ଶୋଷକମାନେ ସେବକ ବେଶରେ ରାଜନୀତି ମଞ୍ଚରେ ଅନୁପ୍ରବେଶ କରିବା ଫଳରେ ସେବା ଓ ତ୍ୟାଗ ହୋଇଛି ବିଡମ୍ବିତ । ଏ ପ୍ରକାର ଅଶ୍ୱସ୍ତିକର ପରିବେଶ ଭିତରେ ଆଜିର ମଣିଷ ବଞ୍ଚିଛି । ସବୁବେଳେ ତା' ଆଖି ଆଗରେ ଫୁଟି ଉଠିଛି ଏକ ଅନ୍ଧକାର ସମାଜର ଚିତ୍ର । ଏକ ଦିଗରେ ବିଜ୍ଞାନର ଅଗ୍ରଗତି ହେଲେ ଅପର ପକ୍ଷରେ ରହିଛି ଦାରିଦ୍ର୍ୟ, ବ୍ୟାଧି ଓ କ୍ଷୁଧା ତୃଷ୍ଣାର ତାଡ଼ନା ।

ପ୍ରକୃତ ପକ୍ଷେ କହିବାକୁ ଗଲେ ଆଜି ମଣିଷର ସାମାଜିକ ଜୀବନ ହୋଇଉଠିଛି ସମସ୍ୟାକ୍ଲିଷ୍ଟ । ଏପରିକି ଆଧ୍ୟାତ୍ମିକ ଓ ମାନସିକ ଭାବସତ୍ତା ହୋଇଉଠିଛି ତା'ଠୁ ଅଧିକ ବିପର୍ଯ୍ୟସ୍ତ । ଆଜି ମଣିଷ ଏକ ଧୂସର ଉପତ୍ୟକାର ଅଧିବାସୀ । ସଫଳତା ଓ ସ୍ୱୀକୃତିର ଘୋଡ଼ା ଦୌଡ଼ରେ ସେ ଅଣନିଃଶ୍ୱାସୀ । ସଫଳତାର ସିଡ଼ି ଚଢ଼ାରେ ସେ ଲଗାଇଛି ଆପଣାର ମୂଲ୍ୟବୋଧ । ଏପରିକି ଆଧ୍ୟାତ୍ମିକ ବିଶ୍ୱାସହୀନତା ମଣିଷ ପାଇଁ ସୃଷ୍ଟି କରିଛି ଏକ ନାହିଁ ନାହିଁର ଉପତ୍ୟକା ।

ବସ୍ତୁତଃ ଏହାହିଁ ହେଉଛି ସାମ୍ପ୍ରତିକ ସମାଜର ଏକ ନିଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଏବଂ ସୌହାର୍ଦ୍ଦ୍ୟ ସୁଦୂର ପରାହତ । ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଥିବା ସତ୍ୟ ମନେହୁଏ ।

# ସତ୍ କର୍ମ ଓ ସତ ବଚନ

ଦେବଦତ୍ତ ବିଶ୍ୱାଳ
ଦୂରଭାଷ : ୯୮୬୧୯୪୪୫୯୪

ଆଜି ସତଚିନ୍ତା, ସତ ବଚନ ଓ ସତକର୍ମର ଅଭାବ ଘୋଟିଛି। ଏପରି ସ୍ଥଳେ ଈଶ୍ୱର ଆମ କାମନା ପରିପୂରଣ କରିବେ ବୋଲି ଆମେ କିପରି ଆଶା କରୁଛେ ? ମନୁଷ୍ୟମାନେ ପଶୁ ମାନଙ୍କ ଠାରୁ ଆହୁରି ହୀନ ଆଚରଣ ପ୍ରଦର୍ଶନ କରୁଛନ୍ତି। ସେମାନେ ସର୍ବଦା ଧନ, ପରିବାର ଓ ପିଲାମାନଙ୍କ ବିଷୟରେ ଚିନ୍ତିତ। ସେମାନେ କ୍ୱଚିତ ଈଶ୍ୱରଙ୍କ ଚିନ୍ତା କରନ୍ତି। କଦବା କ୍ୱଚିତ ଭକ୍ତିର ମୁହୂର୍ତ୍ତ ସେମାନଙ୍କ ଠାରେ ଦେଖାଯାଇଥାଏ। ତା'ପୁଣି ବେଶୀ ଲୋକ ଦେଖାଣିଆ। ପ୍ରକୃତ ଭକ୍ତିର ଅଭିବ୍ୟକ୍ତି ସେଥିରେ ନଥାଏ। ଏହି କୃତ୍ରିମ ଭକ୍ତିର ପ୍ରଦର୍ଶନୀ ନାସ୍ତିକ ମାନଙ୍କୁ ସେମାନଙ୍କ ଅବିଶ୍ୱାସ ଦୃଢ଼ କରିବାରେ ସାହାଯ୍ୟ କରିଥାଏ। ଈଶ୍ୱର ବିଶ୍ୱାସ ଯଦି ନିଜକୁ ଏକ ଦିବ୍ୟ ଜୀବନରେ ପରିଣତ ନକଲା, ସେ ପର୍ଯ୍ୟନ୍ତ ଏହା ଏକ ନିପଟ ପ୍ରବଞ୍ଚନା। ଭଗବାନଙ୍କ ବାଣୀ ବା ସାଧୁସନ୍ଥଙ୍କ ସମ୍ଭାଷଣ କେବଳ କାନରେ ଶୁଣିଦେଲେ ହେବନାହିଁ ଏହା ଆମ ଜୀବନରେ ପ୍ରତିଫଳିତ ହୋଇପାରୁଛି ନା ନାହିଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ? ଗୁରୁବାଣୀ ବା ବଡ଼ଲୋକଙ୍କ ଅମୃତ ବଚନ ଯଦି ଆତ୍ମାମାନଙ୍କ ଜୀବନକୁ ଦିବ୍ୟମୟ, ଈଶ୍ୱରପୂର୍ଣ୍ଣ ଓ ସମାଜ ପ୍ରତି ସମର୍ପିତ କରିପାରୁଛି ସେହି ରୂପାନ୍ତରଣ ହିଁ ପ୍ରକୃତ ଭକ୍ତିର ଲକ୍ଷଣ। ଯଦି ଭୂମି ଓଦା ହୋଇନଥାଏ ତେବେ ପ୍ରବଳ ବର୍ଷା ହୋଇଛି ବୋଲି କହିବାରେ କି ତାତ୍ପର୍ଯ୍ୟ ? ଆମ ଭିତରୁ ଆଜିର ସମୟରେ ଯେଉଁମାନେ ନିଜକୁ ଭକ୍ତ ବୋଲାଉଛନ୍ତି ସେମାନେ ନିଜ କର୍ମରେ ସେମାନଙ୍କର ବିଶ୍ୱାସର ପ୍ରମାଣ ପ୍ରଦର୍ଶନ କରିବା ଉଚିତ। କଥାରେ 'ହରେକୃଷ୍ଣ ହରେରାମ' ଓ ଚିନ୍ତାରେ ଅସାଧୁତା ନିର୍ଲ୍ଲଜ ପ୍ରତାରଣା ଅଟେ। ହରେକୃଷ୍ଣ ହରେରାମ ପରି ପବିତ୍ର ଓ ଅତ୍ୟନ୍ତ ଉପାଦେୟ ନାମ ଉଚ୍ଚାରଣ ନିଜ ଆତ୍ମାର ଗଭୀରତାରେ ପ୍ରକଟିତ ହେବା ଦରକାର। ଆଧ୍ୟାତ୍ମିକ ସଙ୍ଗଠନରେ ହେଉ ବା ଅନ୍ୟ କୌଣସି ସ୍ଥାନରେ ହେଉ, ଚିନ୍ତା, ବାକ୍ୟ ଓ କର୍ମରେ ସାମଞ୍ଜସ୍ୟ ଓ ଏକତା ରହିବା ଦରକାର।

ସମସ୍ତଙ୍କ ପ୍ରତି ଭ୍ରାତୃଭାବ ଅଭିବୃଦ୍ଧି କରିବା। ନିଜ ନିଜ ଭିତରେ ଥିବା ମତ ଭେଦକୁ ଆପୋଷ ମିଳାମିଶା ଦ୍ୱାରା ସମାଧାନ କରିବା। ଅହଂକାର ଓ ଗର୍ବକୁ ପରିହାର କରି ପାରିଲେ ସବୁ ଅସୁବିଧା ଅତିକ୍ରମ କରିପାରିବ। ଆଜି ଠାରୁ ଆମେମାନେ ଅହଂକାର ଓ ଅଜ୍ଞତାକୁ ପୋଡ଼ି ପାଉଁଶ କରି ଦେବା ଓ ହୃଦୟରେ ପ୍ରେମ ସହ ସେବାକୁ ବିକଶିତ କରି ଗୁରୁତ୍ୱ ଦେବା। ସରଳ. ନିରାଡ଼ମ୍ବର ଓ ସମାଜ ପ୍ରତି ସମର୍ପିତ ସେବା ଭାବନା ରଖିବା ସହ ଦିବ୍ୟ ଜୀବନ ଯାପନ କରିବା ପାଇଁ ନିଜକୁ ଅନ୍ତର୍ମୁଖୀ କରିବା। ଯଥା ସମ୍ଭବ ସମାଜର କଲ୍ୟାଣ ପାଇଁ ଜନଗଣଙ୍କ ଉନ୍ନତି ପାଇଁ ସେବାଭାବ ରଖିବା ହିଁ ଦିବ୍ୟ ଜୀବନର ଅନ୍ତର୍ନିହିତ ତାତ୍ପର୍ଯ୍ୟ।

# ଋତୁ ପରିବର୍ତ୍ତନରେ ସ୍ୱାସ୍ଥ୍ୟର ଯତ୍ନ

ବିଜୟ କୁମାର ପୃଷ୍ଟି
ଦୂରଭାଷ : ୯୮୬୧୪୬୪୯୩୨

ପ୍ରବଳ ତୀବ୍ର ଖରାରେ ସମଗ୍ର ଓଡ଼ିଶା ତାତିଲା ତାୱାରେ ଆଉଟୁ ପାଉଟୁ ହେଉଥିବାବେଳେ ଅଦିନିଆ କାଳ ବୈଶାଖୀ ବର୍ଷା ବା ବାତ୍ୟାଜନିତ ବର୍ଷା ପରିବେଶକୁ ଥଣ୍ଡା ଓ କୋହଲା କରୁଛି ସତ କିନ୍ତୁ ଋତୁ ପରିବର୍ତ୍ତନରେ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଦିନିଆ ଅଚାନକ ଝଡ଼ବର୍ଷାରେ କେହି କେହି ତିନ୍ତି ଥଣ୍ଡାଜନିତ ରୋଗରେ ପଡ଼ିଥାନ୍ତି। କେହି କେହି ପ୍ରଦୂଷିତ ପାଣିକୁ ନେଇ ଝାଡ଼ାବାନ୍ତି ରୋଗକୁ ସାମ୍ନା କରିଥାନ୍ତି। କାରଣ ଏହି ସମୟରେ ଅନେକ ପାଣି ଟ୍ୟାପ ବା ଭୂତଳ ଜଳ ବ୍ୟବସ୍ଥାରେ ବାହାରେ ରହିଥିବା ବଡ଼ ବଡ଼ ଗାତ ଦ୍ୱାରା ବର୍ଷା ପାଣି ବା ଡ୍ରେନର ଅପରିଷ୍କାର ବର୍ଜ୍ୟ ପାଣି ଭିତରକୁ ଚାଲିଯାଇ ଏହା ଜଳ ଯୋଗାଣ ବ୍ୟବସ୍ଥାକୁ ପ୍ରଦୂଷିତ କରିଥାଏ। ଆମେ ବସବାସ କରୁଥିବା ଏ ପରିବର୍ତ୍ତନଶୀଳ ପୃଥିବୀର ରହସ୍ୟ ବଡ଼ ବିଚିତ୍ର। ସୂର୍ଯ୍ୟ ଉଦୟ ଠାରୁ ଅସ୍ତ ପର୍ଯ୍ୟନ୍ତ, ଖରା, ବର୍ଷା ଓ ଶୀତର ପ୍ରଭାବ, ଝଡ଼, ବାତ୍ୟା, ବନ୍ୟା, ଭୂମିକମ୍ପ, ରୁଦ୍ରତାପ, ମରୁଡ଼ି ଇତ୍ୟାଦି ଯାହାସବୁ ଘଟେ ଏହାର ଭୌଗୋଳିକ କାରଣ କିମ୍ବା ଜଳବାୟୁର ପରିବର୍ତ୍ତନ ହିଁ ଦାୟୀ। ପ୍ରତ୍ୟେକ ସମୟରେ ପ୍ରକୃତିର ନିୟମ ଅନୁସାରେ ଜୀବନ ନିର୍ବାହ କରିବାକୁ ପଡ଼େ। ଯେଉଁଠି ଯେତେବେଳେ ପ୍ରକୃତିର ନିୟମ ଲଂଘନ ହୁଏ ସେଇଠି ଆରମ୍ଭ ହୁଏ ପ୍ରକୃତିର ତାଣ୍ଡବ ଲୀଳା। ତେଣୁ ଆମେ ସମସ୍ତେ ପ୍ରକୃତିରେ ବନ୍ଧା। ବର୍ଷକ ବାରମାସ। ପ୍ରତ୍ୟେକ ଦୁଇ ମାସରେ ଗୋଟିଏ ଋତୁ। ଜାନୁୟାରୀ ଓ ଫେବୃଆରୀକୁ ବସନ୍ତ ଋତୁ, ମାର୍ଚ୍ଚ ଓ ଅପ୍ରେଲକୁ ଗ୍ରୀଷ୍ମ ଋତୁ, ମେ ଓ ଜୁନକୁ ବର୍ଷା ଋତୁ, ଜୁଲାଇ ଓ ଅଗଷ୍ଟକୁ ଶରତଋତୁ, ସେପ୍ଟେମ୍ବର ଓ ଅକ୍ଟୋବରକୁ ହେମନ୍ତ ଋତୁ, ନଭେମ୍ବର ଓ ଡିସେମ୍ବରକୁ ଶୀତ ଋତୁ କହନ୍ତି। ଯଦିଓ ଛଅଟି ଋତୁ ରହିଛି ତଥାପି ସାଧାରଣ ଭାବରେ ଆମେ ତିନୋଟି ଋତୁକୁ ଅନୁଭବ କରୁ। ଗ୍ରୀଷ୍ମ, ବର୍ଷା ଓ ଶୀତ। ଅର୍ଥାତ ନଭେମ୍ବର, ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ। ଏହି ଚାରି ମାସ ଶୀତ ଋତୁ ଭାବରେ ପରିଚିତ। ଶୀତର ଶେଷ ଭାଗ ଅର୍ଥାତ୍ ଜାନୁଆରୀ ଓ ଫେବୃଆରୀ ମାସରେ ଶୀତର ପ୍ରକୋପ ବଢ଼ିଥାଏ ଏବଂ ଶେଷ ଭାଗରେ ବସନ୍ତ ପବନ ସମସ୍ତଙ୍କ ମନରେ ଆନନ୍ଦ ଉଲ୍ଲାସ ଆଣିଦିଏ। ବର୍ତ୍ତମାନ ବସନ୍ତ ଋତୁ ଚାଲିଛି। ଏହା ଋତ ମଧ୍ୟରେ ଶ୍ରେଷ୍ଠ ଋତୁ, ଏହାକୁ ଋତୁରାଜ ବସନ୍ତ ବୋଲି କହନ୍ତି। ଶରୀରରେ ଥିବା ପଞ୍ଚମହାଭୂତ ତତ୍ତ୍ୱ ଅନୁସାରେ ଏବଂ ଜଳବାୟୁର ପରିବର୍ତ୍ତନ ହେତୁ ଆମ ଶରୀର ପ୍ରଭାବିତ ହୁଏ। ଆମ ଶରୀରରେ ଥିବା ବାତ-ପିତ-କଫର ଅସମତା ହେତୁ ଆମ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। ଅର୍ଥାତ୍ ପ୍ରତ୍ୟେକ ଋତୁରେ ସ୍ୱାସ୍ଥ୍ୟର ସମସ୍ୟା ଦେଖାଦିଏ। ଯେମିତି ଗ୍ରୀଷ୍ମ ଋତୁରେ ରୁଦ୍ରତାର ଆଧିକ୍ୟ ହେତୁ ରୁଦ୍ରାଘାତ ହୋଇଥାଏ ଏବଂ ବର୍ଷା ଋତୁରେ ଜଳର ସଂକ୍ରମଣ ହେତୁ ହଇଜା ରୋଗ ଦେଖାଦିଏ। ଆସନ୍ତୁ ଦେଖିବା ବସନ୍ତ ଋତୁରେ ଆମର ସ୍ୱାସ୍ଥ୍ୟର ସମସ୍ୟା କ'ଣ ଏବଂ ଏହାର ଯତ୍ନ କିପରି ନେବା।

ଆୟୁର୍ବେଦ ଶାସ୍ତ୍ର କହେ ଏ ଋତୁରେ ଥଣ୍ଡା ବୃଦ୍ଧି ଫଳରେ ଜଳପାନ କମିଯିବାରୁ ଜଳତତ୍ତ୍ୱର ଅସମତା ହେତୁ କଫରୋଗ, ଶରୀରରେ ବାୟୁତତ୍ତ୍ୱ ବୃଦ୍ଧି ହେତୁ ବାତରୋଗ ପରିଲକ୍ଷିତ ହୁଏ। ଏଭଳି ରୋଗକୁ ପ୍ରକୃତର ନିୟମ ଅନୁସାରେ ପାଳନ କଲେ ରୋଗ ଆପେ ଆପେ ଚାଲିଯାଏ। ଆଗରେ ଅଛି ମାଘ ସପ୍ତମୀବୁଡ଼, ଅଗ୍ନିଉତ୍ସବ, ମାଘ ମାସର ବାଘ ଭଳିଆ ଶୀତ। ଏହାର ଶେଷ ଭାଗ ଅର୍ଥାତ୍ ଏହି ଫେବୃଆରୀ ମାସରେ ରାତିରେ ପ୍ରବଳ ଥଣ୍ଡା ଏବଂ ଦିନରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ହେତୁ ପ୍ରବଳ ଗରମ ଅନୁଭୂତ ହେବ। ଅତ୍ୟଧିକ ଥଣ୍ଡା ହେତୁ କଶ, ସର୍ଦ୍ଦି, ଇସନଫୁଲିଆ, ଆଜ୍‌ମା ରୋଗୀ ମାନଙ୍କ ପାଇଁ ବିପଦ ମାଡ଼ି ଆସେ। ଥଣ୍ଡା ହେତୁ ଜଳପାନ କମିଯିବାରୁ ହୃତପିଣ୍ଡର ସମସ୍ୟା, କୋଷ୍ଠ ବଦ୍ଧତା, ଚର୍ମରୋଗ ଇତ୍ୟାଦି ଦେଖାଦିଏ। ଅଗ୍ନିମାଳ୍ୟ ହେତୁ ଖାଦ୍ୟ ହଜମ ହୋଇ ନପାରି ପେଟର ସମସ୍ୟା ଉପୁଜେ। କଫ ଏବଂ ପିତ୍ତର ସମତା ରକ୍ଷା କରିବା ପାଇଁ ଏହି ଋତୁର ଦିନଚର୍ଯ୍ୟା ଏବଂ ରାତ୍ରିଚର୍ଯ୍ୟା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ଆମର ଆହାର, ବିହାର ଏବଂ ରସାୟନର ସଂଯମତା ଆଚରଣ କଲେ ଆମ ସ୍ୱାସ୍ଥ୍ୟ ଅତୁଟ ରହିବ।

ମହର୍ଷି ଚରକଙ୍କ ଭାଷାରେ 'ସର୍ବୋଷାପେବ ରୋଗାଣାଂ ନିଦାନଂ କ୍ୱପିତା ମଳାଃ, ତତ ପ୍ରକୋପସ୍ୟ କାରଣଂ ବିବିଧାରିତ ସେ ବନମ୍।' ଅର୍ଥାତ୍ ଏ ସମସ୍ତ ରୋଗର ମୂଳ କାରଣ ହେଲା ଶରୀର ମଧ୍ୟରେ ସଞ୍ଚିତ କ୍ୱପିତ ମଳ ଏବଂ ସେ ଗୁଡ଼ିକର ପ୍ରକୋପର କାରଣ ବିବିଧ ତ୍ରୁଟିପୂର୍ଣ୍ଣ ଆହାର ବିହାର। ପ୍ରଥମେ ଏ ଋତୁର ସବୁଜ ପନିପରିବା, ସାଲାଡ଼, ସେଓ, କମଳା, ପିଜୁଳି, ଅମୃତଭଣ୍ଡା ଇତ୍ୟାଦି ଫଳ ଖାଇଲେ ଝାଡ଼ା ସଫା ହୁଏ। ଖାଦ୍ୟ ସହଜରେ ଜୀର୍ଣ୍ଣ ହୁଏ। ନିୟମାନୁଯାୟୀ ଖାଦ୍ୟ ଗ୍ରହଣ କଲେ ମଳ ସହଜରେ ନିଷ୍କାସିତ ହୁଏ ଫଳରେ ଶରୀର ନୀରୋଗ ରହେ। ପ୍ରତ୍ୟହ ଅନ୍ତତଃ ୧୦ରୁ ୧୫ ଗ୍ଲାସ ଜଳ ପାନ କରିବା ବିଧେୟ। ଥଣ୍ଡା ବା କଫ ହେତୁ ସକାଳେ ଉଷୁମ ପାଣିରେ ଲେମ୍ବୁରସ ଓ ମହୁପାନ କଲେ କୋଷ୍ଠ ଦୂର ହେବା ସଙ୍ଗେ ସଙ୍ଗେ ମେଦ ମଧ୍ୟ କମିଯାଏ। ଅଦାରସ ଉଷୁମ କରି ମହୁ ପକାଇ ପିଇଲେ କାଶ ବା କଫ ଭଲ ହୁଏ। ରାତିରେ ଉଷୁମ କ୍ଷୀରରେ ମିଠା ଖଜୁର କିମ୍ବା ମହୁ କିମ୍ବା ବଟା ହଳଦୀ ମିଶାଇ ପିଇଲେ ଥଣ୍ଡାରୁ ମୁକ୍ତି ମିଳେ। ଚା ପିଇବା ପରିବର୍ତ୍ତେ ହର୍ବାଲ ବା ଲେମ୍ବୁ ଚା କିମ୍ବା ପନିପରିବାର ସୁପ ପିଇବା ଭଲ। ଦହି, ପାଚିଲା କଦଳୀ, କାକୁଡ଼ି, ଥଣ୍ଡା ପାନୀୟ, ଆଇସକ୍ରିମ, ଫ୍ରିଜ ପାଣି ବ୍ୟବହାର କରିବା ବିପଦ ହୋଇପାରେ। ଏ ଋତୁରେ ଶରୀରକୁ କର୍ମଠ କରିବା ପାଇଁ ପ୍ରାତଃ ଭ୍ରମଣ ସବୁଠୁ ସହଜ, ସରଳ ଓ ଲାଭ ଦାୟକ ବ୍ୟାୟାମ। ବିଭିନ୍ନ ଆସନ, ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ସବୁଠୁ ଶ୍ରେଷ୍ଠ ବ୍ୟାୟାମ, ଶରୀରର ଠିକ ରକ୍ତ ସଂଚାଳନ ପାଇଁ ସଂପୂର୍ଣ୍ଣ ଶରୀରର ତୈଳ ମର୍ଦ୍ଦନ ଏକାନ୍ତ ଆବଶ୍ୟକ। ଏହାଦ୍ୱାରା ଚର୍ମ ରୋଗ ମଧ୍ୟ ଦୂର ହୋଇଥାଏ। ଶରୀରରୁ ଝାଳ ନିର୍ଗତ ପାଇଁ ବାଷ୍ପସ୍ନାନ ଏବଂ ଉଷ୍ମ ହସ୍ତପାଦ ସ୍ନାନ ବହୁ ଜରୁରୀ। ଏଭଳି ଜୀବନ ଚର୍ଯ୍ୟା ଦ୍ୱାରା ଶରୀର ତ୍ରିଦୋଷର ସମତା ରକ୍ଷା ହୁଏ ଫଳରେ ସ୍ୱାସ୍ଥ୍ୟ ସୁନ୍ଦର ହୁଏ। ଏହି ଋତୁର ବ୍ରାହ୍ମିଶାଗ ଖାଇଲେ ସ୍ମରଣ ଶକ୍ତି ବୃଦ୍ଧି ହୁଏ। ଶ୍ରୋତାବନ୍ଧୁ ଗଣ ! ମୋଟା ମୋଟି କହିବାକୁ ଗଲେ ଉପଯୁକ୍ତ ଭାବରେ ଜୀବନଚର୍ଯ୍ୟା କରିପାରିଲେ ଏହି ଋତୁରାଜ ବସନ୍ତ ଋତୁରେ ଶରୀର ସୁସ୍ଥ ରହିବା ସଙ୍ଗେ ସଙ୍ଗେ ମନ ମଧ୍ୟ ପ୍ରଫୁଲ୍ଲ ରହେ ଏବଂ ପରମଶାନ୍ତି ମିଳିଥାଏ।

# ଭାଗବତ ଟୁଙ୍ଗି



ତ୍ରିନାଥ ଓଝା
ଦୂରଭାଷ :୯୨୩୮୬୦୨୮୨୫

ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା, ମାହାତ୍ମ୍ୟ, ଭକ୍ତି ଆଦି ସଂପର୍କରେ ବ୍ୟାସଦେବ ପ୍ରଣୀତ ସଂସ୍କୃତ ଭାଗବତ ଅବଲମ୍ବନରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ। ଏହା ଓଡ଼ିଆଙ୍କ ମଧ୍ୟରେ ଖୁବ୍ ଆଦରଣୀୟ ଏକ ଧର୍ମଗ୍ରନ୍ଥ। ଏକଦା ପ୍ରତ୍ୟେକ ମଧ୍ୟବିତ୍ତ ଓଡ଼ିଆ ଘରେ ଏକ ସ୍ୱତନ୍ତ୍ର ଗାଦିରେ ଏହାକୁ ପୂଜା କରାଯାଉଥିଲା। ଏବେ ମଧ୍ୟ ଏହି ପରମ୍ପରା ବଞ୍ଚିରହିଛି। ଘରେ ଭାଗବତ ପୂଜା ପାଉଥିବା ସ୍ଥାନକୁ ଭାଗବତ ଗାଦି କୁହାଯାଏ। ସେହି ପରି ଗ୍ରାମମାନଙ୍କରେ ଭାଗବତ ପୂଜା ପାଉଥିବା ଘରକୁ କୁହାଯାଏ ଭାଗବତ ଟୁଙ୍ଗି। ଏକ ସମୟରେ ଦୈନିକ ସନ୍ଧ୍ୟାରେ ଟୁଙ୍ଗିରେ ଭାଗବତ ବୋଲାଯାଉଥିଲା। ଗ୍ରାମବାସୀ, ବିଶେଷତଃ ବୃଦ୍ଧମାନେ ଏହା ଶୁଣିବା ପାଇଁ ରୁଣ୍ଡ ହେଉଥିଲେ। ଏ ସଂପର୍କରେ ନିର୍ଝରିଣୀରେ ପଲ୍ଲୀକବି ନନ୍ଦକିଶୋର ବଳ ଲେଖିଛନ୍ତି ଭାଗବତ ଘରେ ରାମାୟଣ ପୋଥି ଗାଉଥିଲେ ପୁରୋହିତ, ଘୋର ବରଷାରେ ଅଶୋକ ବନରେ ସତୀ ବୈଦେହୀ ଚରିତ। ଭାଗୀରଥୀ ତୀରେ ଗହନ କାନ୍ତାରେ ଦେବର ଲକ୍ଷ୍ମଣ ଥରେ ରଥୁଁ ଅବତାରି ସୀତାଙ୍କୁ ଏକାକୀ ତେଜି ଫେରିଲେ ନଗରେ। ଭାଗବତ ଘରୁ ମାତାଙ୍କ ସଙ୍ଗରେ ଫେରିଗଲା ଶିଶୁଘରେ, ନୂଆ ବୋହୂ ପାଶେ ବସି ବର୍ଷାଗୀତ ଗାଇଲା ଚୁଲି ମୁଣ୍ଡରେ। ଭାଗବତ ଟୁଙ୍ଗି ସଂସ୍ପର୍ଶରେ ପୂର୍ବ ଆଦର ଯଦିଓ ଆଉ ନାହିଁ। ତଥାପି ହଜିନାହିଁ, ମରିନାହିଁ ଏହି ଖାଣ୍ଟି ଓଡ଼ିଆ ସଂସ୍କୃତି। ଏହାର ପୁନରୁଦ୍ଧାର ପାଇଁ ଅନେକ ବ୍ୟକ୍ତି ତଥା ଅନୁଷ୍ଠାନ ପ୍ରୟାସରତ। ଜିଏମ୍ଆର୍ ବରାଲକ୍ଷ୍ମୀ ଫାଉଣ୍ଡେସନର ଦୃଷ୍ଟାନ୍ତ ଦିଆଯାଇପାରେ। ଏହି ସଂସ୍ଥା ପକ୍ଷରୁ ଢେଙ୍କାନାଳର ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ କମଳାଙ୍ଗ ଅଞ୍ଚଳର ତିନିଟି ଗ୍ରାମରେ ମୋଟ ଛଅଟି ଭାଗବତ ଟୁଙ୍ଗିର ନବନିର୍ମାଣ ସଂପନ୍ନ ହୋଇଛି। ଅଠରଟି କୀର୍ତ୍ତନ ମଣ୍ଡଳିକୁ ଢୋଲ, ଖଞ୍ଜଣି, ଝୁମୁକା, ଗିନି, ତୁରି ଆଦି ଯୋଗାଇଦିଆଯାଇଛି।

ଭାଗବତ ଟୁଙ୍ଗିରେ ସନ୍ଧ୍ୟା : ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ବେଳକୁ ଭାଗବତ ଟୁଙ୍ଗିର ପତନ ପର୍ବ ଆରମ୍ଭ ହୋଇସାରିଥିଲା। ତାଙ୍କ ଗ୍ରାମର ଭାଗବତ ଟୁଙ୍ଗିରେ ତାଳପତ୍ର ପୋଥି ନଥିବା ଏବଂ ସନ୍ଧ୍ୟାରେ ଲୋକେ ସେଠାରେ ବସି ଉଡା ଖବର ବାବଦରେ ଆଲୋଚନା କରୁଥିବା ସେ ଲେଖିଯାଇଛନ୍ତି। ତାଙ୍କ ଦ୍ୱାରା ଲିଖିତ ୧୯୦୩ରେ ପ୍ରକାଶିତ ଭାଗବତ ଟୁଙ୍ଗିରେ ସନ୍ଧ୍ୟା ଏକ ସୁପ୍ରସିଦ୍ଧ ରମ୍ୟ ରଚନା। ଶ୍ରୀଦୁର୍ମୁଖ ଶର୍ମା ଛଦ୍ମନାମରେ ସେ ଏହା ଲେଖିଥିଲେ। ଏହା ପ୍ରଥମେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା।

ଭାଗବତ ମେଳନ : ଚୈତ୍ର ପୂର୍ଣ୍ଣମୀ ରାତ୍ରିରେ ଭାଗବତ ମେଳନ ଉତ୍ସବ ପାଳନ କରାଯାଏ। ଏହି ଅବସରରେ ଭିନ୍ନ ଭିନ୍ନ ସ୍ଥାନରେ ପୂଜିତ ଭାଗବତ ଗାଦିମାନଙ୍କୁ ବିମାନରେ ନିଆଯାଇ, ଏକ ସ୍ଥାନରେ ସମ୍ମିଳିତ କରାଯାଏ ଏବଂ ଯାତ୍ରା, କୀର୍ତ୍ତନ ଆଦି ଆୟୋଜିତ ହୁଏ।

# ଫାଣ୍ଡି ଅଧିକାରୀ ମାହାଙ୍ଗା ଥାନା ସମ୍ଭାଳୁଛନ୍ତି

**କଟକ(ସଂପର୍କବାର୍ତ୍ତା):-** ଥାନା ଅଧିକାରୀଙ୍କ ବଦଳି ହେବାର ଦେଢମାସ ବିତିଗଲାଣି । ଏଯାଏ ମାହାଙ୍ଗା ଥାନାକୁ ମିଳୁନି ସ୍ଥାୟୀ ଥାନା ଅଧିକାରୀ । ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ଥାନା ଭାର ସମ୍ଭାଳିଛନ୍ତି । ଅନ୍ୟପକ୍ଷରେ ମାହାଙ୍ଗା ଥାନା ଅଂଚଳରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ଏ ଭିତରେ ଦୁଇଟି ସନ୍ଦେହଜନକ ମୃତ୍ୟୁ ଘଟଣା ବି ସାମ୍ନାକୁ ଆସିଲାଣି । ତେବେ ମାହାଙ୍ଗା ଥାନାକୁ କେତେ ନୂଆ ଅଧିକାରୀ ମିଳିବ ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ମାହାଙ୍ଗା ଥାନାର ପୂର୍ବତନ ଥାନା ଅଧିକାରୀ ନିହର ରଂଜନ ମହାନ୍ତିଙ୍କ ପତ୍ନୀ ନିନା ବେଉରା ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ଶ୍ରୀ ମହାନ୍ତିଙ୍କୁ ବଦଳି କରାଯାଇଥିଲା । ଏବେ ସେ ପୁଲିସ୍ ହେଡ୍ କ୍ୱାର୍ଟରରେ ଅବସ୍ଥାପିତ ରହିଛନ୍ତି । ତାଙ୍କ ବଦଳି ପରେ ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ତପନ ନାୟକ ମାହାଙ୍ଗା ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି । ଦୁଇ ଦାୟିତ୍ୱରେ ରହିବା ଯୋଗୁଁ ବିଭିନ୍ନ ଅପରାଧ ଘଟଣାର ତଦନ୍ତ ଠିକ୍ ଢଙ୍ଗରେ ହୋଇପାରୁନାହିଁ । ଯାହାଫଳରେ ପୁଲିସ୍ ପାଇଁ ଅଡୁଆ ବଢୁଛି । ଆଇ.ଆଇ.ସି. ଶ୍ରୀ ମହାନ୍ତିଙ୍କ ବଦଳି ହେବାର ସପ୍ତାହକ ଭିତରେ କୁମୁଡା ଜୟପୁର ଫାଣ୍ଡି ଅଂଚଳରେ ଜଣେ ନାବାଳିକା ବଳାତ୍କାର ଘଟଣା ସାମ୍ନାକୁ ଆସିଥିଲା । ସେହିପରି ଗତ ୧୫ ତାରିଖରେ ଲଳିତଗିରି ଗ୍ରାମରେ ଏକ ଶିଶୁପୁତ୍ରର ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ପୁଲିସ୍‌ର ଚିନ୍ତା ବଢିଥିଲା । ବଡବାପା ଓ ମା'ଙ୍କ ନିକଟରେ ଶୋଇଥିବା ବେଳେ ଖଟରୁ ପଡି ଶିଶୁ ମୃତ୍ୟୁ ହୋଇଥିବା କୁହାଯାଇଥିଲା । କିନ୍ତୁ ପରେ ଶିଶୁର ମା' ଏନେଇ ହତ୍ୟା ଅଭିଯୋଗ ଆଣିଲେ । ଏହାର ତଦନ୍ତ ପୁଲିସ୍ କରିଥିଲେ ମଧ୍ୟ ମାହାଙ୍ଗା ଥାନା ପୁଲିସ୍‌କୁ କୌଣସି ସଫଳତା ମିଳିପାରିନାହିଁ । ସେହିପରି ୧୯ତାରିଖରେ ବୈରୀ ଷ୍ଟେସନ୍ ନିକଟ ରେଳଧାରଣା କଡରୁ ଜଣେ ଯୁବକଙ୍କ ମୃତଦେହ ମିଳିଥିଲା । ପେମ ସମ୍ପର୍କକୁ ନେଇ ତାଙ୍କ ହତ୍ୟା କରାଯାଇଥିବା ଅନୁମାନ କରାଯାଇଥିଲା । ମୃତଦେହ ମିଳିବାର ଦୁଇଦିନ ପରେ ମୃତ ଯୋଗେଶ୍ୱର ସାହୁଙ୍କ ମା' ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଭିତ୍ତିରେ ପୁଲିସ୍ ବୈରୀ ଷ୍ଟେସନକୁ ଯାଇ ତଦନ୍ତ କରିଥିଲେ ମଧ୍ୟ ଏ ଦିଗରେ ଅଭିଯୋଗକାରୀଙ୍କ ଅଭିଯୋଗ ଭିତ୍ତିରେ କୌଣସି ବଳିଷ୍ଠ ପ୍ରମାଣ ଯୋଗାଡ କରିପାରିନାହିଁ ।

ଗତ ୨୫ ତାରିଖରେ ଆଉ ଏକ ଅଭାବନୀୟ ଘଟଣା ଘଟିଥିଲା । ପୁଲିସ୍ ଘରୁ ଚୋରି ହୋଇଥିଲା । ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଉମର ଗ୍ରାମ ତଥା ଅନୁଗୁଳ ପୁଲିସ୍ ଟ୍ରେନିଂ କଲେଜର କର୍ମଚାରୀଙ୍କ ବାସଗୃହରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା । ଏଭଳି ବାରମ୍ବାର ମାହାଙ୍ଗା ଥାନା ଅଂଚଳରେ ଅପରାଧ ଘଟୁଥିବା ବେଳେ ଥାନାକୁ ସ୍ଥାୟୀ ଅଧିକାରୀ ନମିଳିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ବୋଲି କୁହାଯାଇପାରେ । ଏ ସଂକ୍ରାନ୍ତରେ କଟକ ଗ୍ରାମାଞ୍ଚଳ ଏସ୍‌ପି ଯୁଗଳ କିଶୋର ବାନୋଥ୍‌ଙ୍କୁ ପଚାରିବାରେ ଖୁବ୍ ଶୀଘ୍ର ଥାନାରେ ନୂଆ ଅଧକାରୀଙ୍କ ପୋଷ୍ଟିଂ କରାଯିବ ବୋଲି କହିଛନ୍ତି । ମାହାଙ୍ଗା ରାଜନୈତିକ ସମ୍ବେଦନଶୀଳ ଓ ଅପରାଧ ପ୍ରବଣ ଇଲାକା ଭାବେ ପରିଚିତ । ତେଣୁ ନାନା ଅଧିକାରୀଙ୍କ ଉପସ୍ଥିତି ଏଠାରେ ବେଶ୍ ଗୁରୁତ୍ୱ ରଖେ ବୋଲି କୁହାଯାଇପାରେ ।

## ବାଚସ୍ପତି ବାଛିଲେ ନୂଆ ସହଯୋଗୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଗୃହକାର୍ଯ୍ୟ ସୂଚାରୁରୂପେ ସମ୍ପାଦିତ କରିବା ପାଇଁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅଧିଷ୍ଠାତା ମଣ୍ଡଳୀ ଓ କାର୍ଯ୍ୟ ପରାମର୍ଶଦାତା କମିଟି ଗଠନ କରିଛନ୍ତି ।



ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଫୁଲ୍ଲ ସାମଲ, ଶଶୀଭୂଷଣ ବେହେରା, ସ୍ନେହାଙ୍ଗିନୀ ଛୁରିଆ, ମନୋହର ରାନ୍ଧାରୀ, ସୁବାସ ପାଣିଗ୍ରାହୀ ଓ ସନ୍ତୋଷ ସିଂ ସାଲୁଜା ଅଧିଷ୍ଠାତା ମଣ୍ଡଳୀରେ ରହିଛନ୍ତି । ବାଚସ୍ପତି ଓ ଉପବାଚସ୍ପତିଙ୍କ ଅନୁପସ୍ଥିତିରେ ଅଧିଷ୍ଠାତା ଗୃହ କାର୍ଯ୍ୟ କରିପରିଚାଳନା କରିବେ ।

ସେହିପରି ଗୃହ କିଭଳି ସୁରୁଖୁରୁରେ ଚାଲିପାରିବ ସେଥିପାଇଁ ଏକ କାର୍ଯ୍ୟ ପରାମର୍ଶ ଦାତା କମିଟି ଗଠନ କରାଯାଇଛି । ବାଚସ୍ପତି ଶ୍ରୀ ଆରୁଖଙ୍କ ଅଧକ୍ଷତାରେ ଗଠିତ ଏହି କମିଟିରେ ବିରୋଦୀ ଦଳ ନେତା ପ୍ରଦୀପ୍ତ ନାୟକ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏସ୍‌ସିଏସ୍‌ଟି ମନ୍ତ୍ରୀ ଜଗନ୍ନାଥ ସାରକା, ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ଶାସକ ଦଳର ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର କମିଟିରେ ସ୍ଥାନ ପାଇଛନ୍ତି ।

## ଦମ୍ପତିଙ୍କ ବ୍ୟକ୍ତିଗତ ସଂପର୍କରେ ସାମାଜିକ ସ୍ୱୀକୃତି ଆବଶ୍ୟକ ନାହିଁ:ହାଇକୋର୍ଟ

**ପାଟନା(ସଂପର୍କବାର୍ତ୍ତା):-** ଦମ୍ପତିଙ୍କ ବ୍ୟକ୍ତିଗତ ସମ୍ପର୍କରେ ସାମାଜିକ ସ୍ୱୀକୃତିର ଆବଶ୍ୟକତା ନାହିଁ । ପାଟନା ହାଇକୋର୍ଟ ଏକ ମାମଲାର ବିଚାର କରି ଏଭଳି କହିଛନ୍ତି । ବିଚାରପତି ଅହସାନୁଦ୍ଦିନ ଅମାନୁଲାହ ଏବଂ ପୂର୍ଣ୍ଣେନ୍ଦୁ ସିଂଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏକ ଦାମ୍ପତ୍ୟ ମାମଲାର ଶୁଣାଣି କରି କହିଛନ୍ତି ଯେ ସାବାଳକଙ୍କର ନିଜ ପସନ୍ଦର ଜୀବନ ସାଥୀ ଚୟନ କରିବା ଏକ ସାମ୍ବିଧାନିକ ଅଧିକାର । ସମ୍ବିଧାନର ଅନୁଚ୍ଛେଦ ୧୯ ଏବଂ ୨୧ ଦ୍ୱାରା ଦେଶର ନାଗରିକଙ୍କୁ ଏହି ଅଧିକାର ପ୍ରଦାନ କରାଯାଇଛି ।




ଏହାର ଉଲ୍ଲଂଘନ କରାଯାଇ ପାରିବ ନାହିଁ । ବିବାହ କ୍ଷେତ୍ରରେ ବ୍ୟକ୍ତିଗତ ଚୟନ ଅଧିକାରକୁ ସୀମିତ କରାଯାଇ ପାରିବନି । ଏହି ସହିତ ବ୍ୟକ୍ତିଗତ ସମ୍ପର୍କ କ୍ଷେତ୍ରରେ ସାମାଜିକ ସ୍ୱୀକୃତି ଆଇନ ଦୃଷ୍ଟିରେ ଠିକ୍ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି । ଏହା ସହିତ ଖଣ୍ଡପୀଠ କୋର୍ଟରେ ଉପସ୍ଥିତ ଥିବା ମହିଳା ଜଣକ ସେମାନେ ନିଜ ଇଚ୍ଛାରେ ବିବାହ କରିଥିବା ସୂଚନା ପ୍ରଦାନ କରିଥିଲେ । ଏହାପରେ ଖଣ୍ଡପୀଠ ମହିଳାଙ୍କ ପକ୍ଷରୁ କରାଯାଇଥିବା ଝିଅଙ୍କ ସୁରକ୍ଷା ସମ୍ପର୍କିତ ଆବେଦନ ବିଷୟରେ କହିଛନ୍ତି ଯେ, ଏ କ୍ଷେତ୍ରରେ ବିବାହିତା ନିଜ ସ୍ୱାମୀଙ୍କ ଘରକୁ ଯିବା ଆଇନଗତ । ଖଣ୍ଡପୀଠ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ସହିତ ଯିବାକୁ ଅନୁମତି ପ୍ରଦାନ କରିଛନ୍ତି । ଏହା ସହିତ ମହିଳାଙ୍କ ବିବାହକୁ ବେଆଇନ୍ ଘୋଷଣା ଲାଗି ତାଙ୍କ ପିତାଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ଖାରଜ କରି ଦେଇଛନ୍ତି ।

## ସ୍କୁଲ୍‌ରେ ଗପ ମାରୁଥିଲେ ଶିକ୍ଷକ, ପହଞ୍ଚିଗଲେ ମନ୍ତ୍ରୀ...

**ପୁରୀ(ସଂପର୍କବାର୍ତ୍ତା):-** ଆକ୍ସନ ମୋଡରେ ଗଣଶିକ୍ଷା ମନ୍ତ୍ରୀ ଜଣେ ସିଆରସିଙ୍କ ସମେତ ୮ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ସମୀର ଦାଶ ଏଣିକି କାମରେ ଖିଲାପ କରୁଥିବା ଶିକ୍ଷକ ମାନଙ୍କ ଉପରେ କଡା ନଜର ରଖିଛି ପ୍ରଶାସନ । କେଉଁଠି ଶିକ୍ଷକ ଶିକ୍ଷୟତ୍ରୀ ଡେରିରେ ସ୍କୁଲ ଯାଉଛନ୍ତି, ତ କେଉଁଠି କାସ୍କ ଟାଇମରେ ପିଲା ସ୍କୁଲହାତରେ ବୁଲୁଛନ୍ତି । ତେବେ ମନ୍ତ୍ରୀ ପୁରୀ ଜିଲ୍ଲା ନିମାପଡା ଗସ୍ତ କରିବା ବେଳେ ୧୦ଟା ୨୦ରେ ପିପିଲି ଟୋଲଗେଟ ନିକଟରେ ଦୁଇଜଣ ଶିକ୍ଷୟିତ୍ରୀ ସ୍କୁଟିରେ ଯାଉଥିବା ଦେଖି ଅଟକିଥିଲେ । ସ୍କୁଲ କାହିଁକି ଡେରିରେ ଯାଉଛ ବୋଲି ପଚାରିଥିଲେ ମନ୍ତ୍ରୀ ଦୁଇ ଶିକ୍ଷୟିତ୍ରୀ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ । ପରେ ପିପିଲି ନିମାପଡା ମୁଖ୍ୟରାସ୍ତାରେ ଥିବା ଜଗନ୍ନାଥପୁର ୟୁପି ସ୍କୁଲରୁ ଅଚାନକ ଗସ୍ତ କରିଥିଲେ ଗାଡି ଧରି ବାହାରକୁ ଯିବାକୁ ବାହାରି ଥିବାର ଦେଖିଥିଲେ । ସ୍କୁଲ କାଗଜପତ୍ର ଯାଂଚ ବେଳେ ଅନିୟମିତତା ଦେଖିବାକୁ ପାଇଥିଲେ ମନ୍ତ୍ରୀ । ଏହା ପରେ ୮ଜଣ ଶିକ୍ଷକଙ୍କ କାରଣଦର୍ଶାଅ ନୋଟିସ୍ ସହ ଦରମା ବନ୍ଦ କରିବାକୁ ଡିଇଓ ବିଇଓଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଗତ କିଛି ଦିନ ତଳେ ବାଲେଶ୍ୱର ଏକ ସ୍କୁଲକୁ ଅଚାନକ ଗସ୍ତ କରିଥିଲେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍କୁଲରେ ପିଲାମାନେ ପଣକିଆ କହି ନ ପାରିବାରୁ ପ୍ରଧାନ ଶିକ୍ଷକଙ୍କ ଉପରେ କଡା କାର୍ଯ୍ୟାନଷ୍ଠାନ ଗଣଶିକ୍ଷା ମନ୍ତ୍ରୀ ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ କରିବା ସହ କରିବା ସହ ତାଙ୍କ ଚେତାବନୀ ହେଇଥିବା ଘଟଣା ଶିକ୍ଷକମାନଙ୍କ ମନରେ ଭୟ ସୃଷ୍ଟି କରିଛି ।

## ଓଡ଼ିଶାରୁ ମହାରାଷ୍ଟ୍ରକୁ ମାନବ ଚାଲାଣ ସନ୍ଦେହ

**ଭଦ୍ରକ(ସଂପର୍କବାର୍ତ୍ତା):-** ଓଡ଼ିଶାରୁ ମହାରାଷ୍ଟ୍ରକୁ ମାନବ ଚାଲାଣ ? ବଲାଙ୍ଗୀର ରେଲୱେ ଷ୍ଟେସନ୍‌ରେ ହଇଚଇ । ଟ୍ରେନ୍ ଯୋଗେ ମାନବ ଚାଲାଣ ହେଉଥିବା ସନ୍ଦେହରେ ୧୧ ଜଣଙ୍କୁ ଉଦ୍ଧାର କରି

### ୧୧ ଜଣ ଉଦ୍ଧାର




ପଚରାଉଚରା କରୁଛି ଆରପିଏଫ୍ । ଆଜି ଏକ ଟ୍ରେନ୍‌ରେ ସନ୍ଦେହ ଜନକ ଅବସ୍ଥାରେ ମହାରାଷ୍ଟ୍ର ଅଞ୍ଚଳକୁ ଯାଉଥିବା ୮ଜଣ ଯୁବତୀ, ଦୁଇ ଜଣ ନାବାଳିକା ଏବଂ ଜଣେ ପୁଅକୁ ଅଟକାଇ ବଲାଙ୍ଗିର ରେଲୱେ ଥାନାକୁ ଆଣିଥିଲା ଆର୍‌ପିଏଫ୍ । ଅଟକ ୧୧ଜଣ କୌଣସି ପ୍ରକାର ସନ୍ତୋଷଜନକ ଉତ୍ତର ଦେଇ ପାରୁନାହାଁନ୍ତି ।

ମୁମ୍ବାଇର ଏକ ମାଛ ଫ୍ୟାକ୍ଟ୍ରିରେ କାମ କରିବାକୁ ଯାଉଥିବା କହୁଛନ୍ତି । କିନ୍ତୁ ସେମାନଙ୍କୁ କିଏ ଏବଂ କେଉଁ ଫ୍ୟାକ୍ଟ୍ରିକୁ ନେଉଥିଲା କହିପାରୁନାହାଁନ୍ତି । ୧୧ ଜଣ ଯାଜ ଢେଙ୍କାନାଳ ଅଞ୍ଚଳର ହୋଇଥିବା ଜଣାପଡିଛି । ଆର୍‌ପିଏଫ୍ ଜିଲ୍ଲା ଶ୍ରମ ବିଭାଗ ଏବଂ ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲା । ବର୍ତ୍ତମାନ ଆର୍‌ପିଏଫ୍ ଥାନାରେ ସହକାରୀ ଶ୍ରମ ଅଧିକାରୀ ଏବଂ ଚାଇଲ୍ଡ ଲାଇନ୍ ଟିମ୍ ତନାଘନା ତଦନ୍ତ ଜାରି ରଖିଛନ୍ତି ।

ପ୍ରାଥମିକ ତଦନ୍ତରୁ ମାନବ ଚାଲାଣ କରାଯାଉଥିବା ସନ୍ଦେହ କରାଯାଉଛି । ସେମାନେ ଦାଦନ ଖଟିବା ପାଇଁ ଯାଉଥିଲେ ନା ସେମାନଙ୍କ ଅନ୍ୟ କୌଣସି କାମରେ ଲଗାଇବା ନିଆଯାଉଥିଲା ସେ ସଂପର୍କରେ ତନାଘନା ତଦନ୍ତ ଜାରୀ ରଖିଛି । ତଦନ୍ତ ଚାଲିଥିବାରୁ କୌନସି ଅଧିକାରୀ ମୁହଁ ଖୋଲୁନାହାଁନ୍ତି ।

## ଓଡ଼ିଶା ଅଣ୍ଡା ଓ କୁକୁଡା ମାଂସ ଉତ୍ପାଦନରେ ସ୍ୱାବଲମ୍ବୀ ହେବ


**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପ୍ରାଣୀସଂପଦକୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ପ୍ରାଣୀପାଳନ ଚାଷୀମାନଙ୍କୁ ଅତିରିକ୍ତ ରୋଜଗାର ଯୋଗାଇବା ସହିତ ଗ୍ରାମ୍ୟ ଅର୍ଥନୀତିର ବିକାଶ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ପରିପ୍ରେକ୍ଷୀରେ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟସେବା ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକଗୁଡିଏ ଯୋଜନାର ଲୋକାର୍ପଣ କରିଛନ୍ତି । ରାଜ୍ୟରେ ଗୋପାଳନ ଓ କୁକୁଡାପାଳନ ଦିଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଥିବାବେଳେ ଓଡ଼ିଶା ଖୁବ୍‌ଶୀଘ୍ର ଅଣ୍ଡା ଓ କୁକୁଡା ମାଂସ ଉତ୍ପାଦନରେ ସ୍ୱାବଲମ୍ବୀ ହେବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।




କୃଷି ଭବନଠାରେ ଆୟୋଜିତ ପ୍ରାଣୀସଂପଦ ବିକାଶ ବିଭାଗର ଅଧିକାରୀ ଓ ପ୍ରାଣୀ ଚିକିତ୍ସକମାନଙ୍କର ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ କିଛି ବର୍ଷ ପୂର୍ବେ ରାଜ୍ୟରେ ଅଣ୍ଡା ଓ ମାଂସ ଉତ୍ପାଦନ ଏବଂ କ୍ଷୀରର ଚାହିଦା ଓ ଘରୋଇ ଉତ୍ପାଦନ ମଧ୍ୟରେ ବୃହତ ବ୍ୟବଧାନ ଥିବାସ୍ଥଳେ ରାଜ୍ୟ ସରକାରଙ୍କ ପ୍ରାଣୀସଂପଦ ବିକାଶ ନୀତିର ସଫଳ ରୂପାୟନ ଦ୍ୱାରା ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇବା ସହିତ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ଆୟରେ ବୃଦ୍ଧି ଘଟିଛି । ସେହିପରି ରାଜ୍ୟରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ୨୦୧୩-୧୪ ମସିହାରରୁ ୧୧୭ ଗ୍ରାମରୁ ୧୪୪ ଗ୍ରାମକୁ ବୃଦ୍ଧି ପାଇଛି । ତେବେ ଅନ୍ୟ ରାଜ୍ୟ ତୁଳନାରେ ଦୁଗ୍ଧର ଉପଲବ୍ଧତାକୁ ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରାଣୀସଂପଦ ବିକାଶ ନୀତିର ସଫଳ ରୂପାୟନ ଦ୍ୱାରା ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇବା ସହିତ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ଆୟରେ ବୃଦ୍ଧି ଘଟିଛି । ସେହିପରି ରାଜ୍ୟରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ୨୦୧୩-୧୪ ମସିହାରରୁ ୧୧୭ ଗ୍ରାମରୁ ୧୪୪ ଗ୍ରାମକୁ ବୃଦ୍ଧି ପାଇଛି ।

## ମାଛ ଜାଆଁଳ ଯୋଗାଇଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବିଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ମାଛ ଉତ୍ପାଦନ ପ୍ରାୟ ୪ଗୁଣ ବୃଦ୍ଧି ପାଇ ୯.୯୧ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ଓଡ଼ିଶା ମତ୍ସ୍ୟ ଉତ୍ପାଦନରେ ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଛି । ତେବେ ମାଛର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟର ବିପୁଳ ଜଳସଂପଦକୁ ବ୍ୟବହାର କରି ମାଛ ଉତ୍ପାଦନ ବହୁଗୁଣ ବୃଦ୍ଧି କରିହେବ । ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ ଆୟ ବୃଦ୍ଧି କରିବା ନିମନ୍ତେ ମତ୍ସ୍ୟ ଉତ୍ପାଦନ ବହୁଗୁଣ ବୃଦ୍ଧି କରିହେବ । ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ ଆୟ ବୃଦ୍ଧି କରିବା ନିମନ୍ତେ ମତ୍ସ୍ୟ ଉତ୍ପାଦନ ବୃଦ୍ଧିର ହାରକୁ ତ୍ୱରାନ୍ୱିତ କରିବାକୁ ପଡିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । କୃଷି ଭବନଠାରେ ଆୟୋଜିତ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ବିଶଦ ଭାବରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ




ରାଜ୍ୟ ସରକାର ମାଛଚାଷକୁ ବିଶେଷ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଅନେକଗୁଡିଏ ଚାଷୀ ଅନୁକୂଳ ଯୋଜନା ପ୍ରଣୟନ କରାଯାଇଛି । ମାଛଚାଷ ନିମନ୍ତେ ମାଛଚାଷୀଙ୍କୁ ଆଗୁଆ ପର୍ଯ୍ୟାପ୍ତ ପରିମାଣର ଉନ୍ନତ ମାନର ମାଛ ଜାଆଁଳ ଯୋଗାଇଦେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପଡୋଶୀ ରାଜ୍ୟରୁ ଯେପରି ନିମ୍ନମାନର ମାଛ ଜାଆଁଳ ରାଜ୍ୟକୁ ନଆସେ ସେଥି ନିମନ୍ତେ ରାଜ୍ୟରେ ଆଗୁଆ ମାଛ ଜାଆଁଳ ଉତ୍ପାଦନ ଓ ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି ।

## ସଂସ୍କୃତି ଭବନରେ ସଂସ୍କୃତି ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭାଷା ବିନା ସଂସ୍କୃତିର ଉତଥାନ ସମ୍ଭବ ନୁହେଁ । ଭାଷା ସଂସ୍କୃତି ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡିତ । ଓଡ଼ିଆ ଭାଷା ଏକ ସମୃଦ୍ଧ ଭାଷା । ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଆମର ମହାମନୀଷୀମାନେ ବହୁ କଷ୍ଟ ସ୍ୱୀକାର କରିଛନ୍ତି । ଓଡ଼ିଆ ଭାଷାର ବହୁଳ ବ୍ୟବହାର ସାଙ୍ଗକୁ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ଓ ସହଯୋଗ ଆବଶ୍ୟକ । ଏ ଦିଗରେ ବିଭାଗୀୟ ମନ୍ତ୍ରୀ ହିସାବରେ ତାଙ୍କର ସମସ୍ତ ପ୍ରଚେଷ୍ଟା ଓ ସହଯୋଗ ଜାରି ରହିବ ବୋଲି ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପ୍ରକାଶ କରିଛନ୍ତି । ରାଜ୍ୟ ସଂସ୍କୃତି ଭବନ ପରିଦର୍ଶନ ଅବସରରେ ଆୟୋଜିତ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସଂପର୍କିତ ବିଭାଗୀୟ କାର୍ଯ୍ୟର ଅନୁଧ୍ୟାନ କରି ମନ୍ତ୍ରୀ ଶ୍ରୀ ପାତ୍ର ଏହା କହିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର ନୂତନ



ଭାବେ ଯୋଗଦାନ ପରେ ସଂସ୍କୃତି ବିଭାଗରେ ପହଁଚିବା ପରେ ତାଙ୍କୁ ବିଭାଗୀୟ ଅଧିକାରୀ ଓ ସଂପୃକ୍ତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ଏବଂ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସମେତ ବିଭାଗୀୟ ବିଭିନ୍ନ ଶାଖାର କର୍ମକର୍ତ୍ତା ଓ ଅଧିକାରୀମାନେ ଯୋଗଦେଇ ନିଜ ନିଜ ଶାଖାର କାର୍ଯ୍ୟାବଳୀ ସଂପର୍କରେ ତଥ୍ୟ ରଖିବା ସହିତ ଆଗାମୀ ଦିନରେ ଲକ୍ଷ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ରାମକୃଷ୍ଣ ସାହୁ ଓ ଶ୍ରୀମତୀ ମନସ୍ୱିନୀ ସାହୁ, ଯୁଗ୍ମ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଓଡ଼ିଶୀ ଗବେଷଣା କେନ୍ଦ୍ର ସୁବୋଧ ଆଚାର୍ଯ୍ୟଙ୍କ ସମେତ ବିଭାଗୀୟ ସଂପୃକ୍ତ ବିଭିନ୍ନ ଅନୁଷ୍ଠାନର ମୁଖ୍ୟ ଓ ଅଧିକାରୀମାନେ ଯୋଗଦେଇଥିଲେ ।

## ଖଣ୍ଡପଡାରେ ପିଲାଙ୍କ ମୁଣ୍ଡରେ ଝୁଲୁଛି ଖଣ୍ଡା

**ଖଣ୍ଡପଡା(ସଂପର୍କବାର୍ତ୍ତା):-** ଗ୍ରାମାଂଚଳ ଶିକ୍ଷାର ବିକାଶ ପାଇଁ ସରକାର ବ୍ୟାପକ ଅର୍ଥ ଖର୍ଚ୍ଚ କରୁଛନ୍ତି । ହେଲେ ଏମିତି କିଛି ସ୍କୁଲ ଅଛି ଯେଉଁଠି କି ବିକାଶର ଛାପ ବର୍ତ୍ତମାନ ପର୍ଯ୍ୟନ୍ତ ପହଂଚି ପାରିନାହି । ଏବେବି ଛୋଟ ଛୋଟ ପିଲାମାନେ ବିପଦ ସଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି । ନୟାଗଡ ଖଣ୍ଡପଡା ବ୍ଲକ କୁମ୍ଭାରପଡାରେ ରହିଛି କୁମ୍ଭାରପଡା ପ୍ରାଥମିକ ବିଦ୍ୟାଳୟ । ୧୯୨୦ମସିହାରେ ନିର୍ମାଣ ହୋଇଥିବା ଏହି ସ୍କୁଲଟି ଅଂଚଳରେ ପ୍ରଥମ ସ୍କୁଲରେ ବେସ ଜଣାଶୁଣା ସ୍କୁଲରେ ପାଠପଢା ଉଚକୋଟିର ଥିବାହେତୁ ବହୁ କୃତି ଛାତ୍ରଛାତ୍ରୀ ଏଠାରୁ ଶିକ୍ଷା ଗ୍ରହଣ କରି ବଡ ବଡ ପଦବୀରେ ଚାକିରି କରିଥିବା ଶୁଣାଯାଏ । ହେଲେ ଏବେ ନିଜର ପରିଚୟ ଖୋଜୁଛି ଏହି ଶତାୟୁ ସ୍କୁଲଟି ପାରିପାର୍ଶ୍ୱିଙ୍କ ଅବସ୍ଥିତିକୁ ଦେଖିଲେ ଭୁତ କୋଠିର ଭ୍ରମ ସୃଷ୍ଟି ହୋଇଥାଏ । ଉପଯୁକ୍ତି ରକ୍ଷଣା ବେକ୍ଷଣା ଅଭାବରୟ ସ୍କଲଟି ଏବେ ଜରାଜିର୍ଣ୍ଣ ଅବସ୍ଥାରେ ରହିଥିବାବେଳେ ଭାଙ୍ଗିବାକୁ ବସିଲାଣି ଉପର ଆଜବେଷ୍ଟ ଭାଙ୍ଗି ଓହଳିପଡିଛି ଯାହାକି କେତେବେଳେ ଯେ କୌଣସି ଅଘଟଣ ନ ଘଟିବ ତାହା କୁହାଯାଇ ନ ପାରେ । ଦୀର୍ଘଦିନ ଧରି ମରାମତି ହୋଇ ନଥିବାରୁ କାନ୍ଥ ସବୁ ଫାଟି ଆଁ କରି ରହିଲାଣୀ ଶ୍ରେଣୀ ଗହ୍ଗୁଡିକ ବିପଦ ସଙ୍କୁଳ ଅବସ୍ଥାରେ

### ଧନ୍ୟ ଶିକ୍ଷା ବିଭାଗ

ରହିଥିବାବେଳେ ଶିକ୍ଷକ ମାନେ ବାରଣ୍ଡାରେ ପିଲାମାନଙ୍କୁ ପାଠ ପଢାଉଥିବାର ଦୃଶ୍ୟ ଆମେ ଦେଖିବାକୁ ପାଇଲୁ । ତେବେ ସ୍କୁଲରେ ଏବେ ବି ୨୦୦ରୁ ଅଧିକ ପିଲା ପାଠ ପଢୁଥିବେଳେ ସୁରକ୍ଷା ନେଇ ଶିକ୍ଷକମାନେ ଚିନ୍ତାରେ ରହିଥିବା ଅଭିଯୋଗ କରିଛନ୍ତି । ସ୍କୁଲରେ ରୋଷେଇଘର ନଥିବାକାରଣରୁ ଏକ ପରିତିକ୍ତ ଘରେ ରୋଷେଇ କରାଯାଉଥିବା ଦେଖିବାକୁ ମିଳିଲା ରୋଷେଇଘର ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ଆସିଥିବାବେଳେ କାରୋନାର ସୁଯୋଗ ଉଠାଇ ଠିକାଦାର କାମ ନ କରି ସବୁ ଟଙ୍କା ଚଳୁ କରିଦେଇଥିବା ଭଳି ସାଂଘାତିକ ଅଭିଯୋଗ ଆସିଛି ।

# କଟକରେ ଟ୍ରାଫିକ୍ ସାଙ୍ଘାତିକ ବିପର୍ଯ୍ୟସ୍ତ

**କଟକ(ସଂପର୍କ ବାର୍ତ୍ତା):-** ଦୋଳମୁଣ୍ଡାଇରୁ ପିଠାପୁର, ଝୋଲାସାହି, ନନ୍ଦୀସାହି ହେଇ ଚୌଧୁରୀବଜାର ପର୍ଯ୍ୟନ୍ତ ରାସ୍ତା ସବୁକାଳେ ଟ୍ରାଫିକ୍ ପୁଲିସ ନିୟନ୍ତ୍ରଣ ବାହାରେ ରହିଆସିଛି ଏବଂ ଏହି ଲମ୍ବା ରାସ୍ତାଟି ସକାଳୁ ରାତି ପର୍ଯ୍ୟନ୍ତ ବ୍ୟସ୍ତବହୁଳ । ଥରେ ଟ୍ରାଫିକ୍ ଜାମ୍ ହେଲେ ବହୁ ସମୟ ପର୍ଯ୍ୟନ୍ତ ଯାନବାହନ ପଛକୁପଛ ଅଟକି ରହନ୍ତି ଏବଂ ଭିଡ ଖଲାସ ହେବାକୁ ଦୀର୍ଘ ସମୟ ଲାଗିଥାଏ, ଏହା ଏ ରାସ୍ତାରେ ପ୍ରତ୍ୟହ ଏକାଧିବାର ଘଟିବାର ଘଟିଥାଏ । ଏବେ ପ୍ରାୟ ୯/୧୦ମାସ ହେଲାଣି ଟ୍ରାଫିକ୍ ଜାମ୍ ଏଠି ବାରମ୍ବାର ଘଟୁଛି ଏବଂ ଏହାର ମୁଖ୍ୟ କାରଣ ହୋଇଛି ଝୋଲାସାହିର ଖଣ୍ଡିଆ ରାସ୍ତା । ବହୁଦୂର ପର୍ଯ୍ୟନ୍ତ ସମଗ୍ର ସଡକଟି ଖାଲଖମାରେ ଭରିଗଲାଣି । ଆଦୌ ମରାମତି ହେଉନାହିଁ । ଜାଇକା କାର୍ଯ୍ୟ ଏ ରାସ୍ତାର କେବେଠାରୁ ସରିଲାଣି, ଅଥଚ ରାସ୍ତାର ଅବସ୍ଥା ସୁଧୁରୁ ନାହିଁ । ଦୋଳୁଣ୍ଡାଇ-ପିଠାପୁରରୁ ଚୌଧୁରୀବଜାର ପର୍ଯ୍ୟନ୍ତ ସମଗ୍ର ମୁଖ୍ୟରାସ୍ତା ଅଂଚଳଟି ହେଉଛି ଏ ମହାନଗରୀର ସର୍ବବୃହତ୍ ଏବଂ ସବୁସମୟରେ ବ୍ୟସ୍ତବହୁଳ ବ୍ୟାବସାୟିକ ପେଣ୍ଠ । ସଡକର ଉଭୟ ପାର୍ଶ୍ୱରେ ଉଭୟ ପାଇକାରୀ ଓ ଖୁଚୁରା ବିକ୍ରୟ କେନ୍ଦ୍ର ଭରିରହିଛି ଏବଂ ମାଲମାଲ ଦୋକାନ ସାମନାରେ ପାର୍କିଂ ପାଇଁ ଇଞ୍ଚେ ମଧ ସ୍ଥାନ ନାହିଁ । ସହର ବାହାରୁ ଖୁଚୁରା ବ୍ୟବସାୟୀଙ୍କ ଯାନବାହନ ଏ ରାସ୍ତାରେ ରବିବାର ବ୍ୟତୀତ ସପ୍ତାହାର ବାକି ଛଅଦିନ ଅହରହ ଯାତାୟତ କରିଥାଏ ଓ ଏହା ସାଙ୍ଗକୁ ସାଧାରଣ ଯାତ୍ରୀ ବହୁଳସଂଖ୍ୟାରେ ଏ ରାସ୍ତାକୁ ବ୍ୟବହାର କରିଥାନ୍ତି । ଏକମାତ୍ର ସଳଖ ଏହି ସଡକକୁ ନେଇ ସଦା ଚଳଚଞ୍ଚଳ ଏହି ବିଶାଳ ବଜାର ଅଞ୍ଚଳର ମଧ୍ୟସ୍ଥଳ ହେଉଛି ଝୋଲାସାହି ଏବଂ ବ୍ୟବସାୟିକ ବ୍ୟାପାର ବାଦ ଭଗତପୁର, ବଙ୍ଗାଳୀସାହି, ଝାଞ୍ଜିରମଙ୍ଗଳା, ସେମିନାରୀ ଛକ, ପିଠାପୁର, ଦୋଳମୁଣ୍ଡାଇ, କାଠଗଡାସାହି, ନିମସାହି ଆଦି ବହୁ ଅଞ୍ଚଳ ସହ ଏହି ଝୋଲାସାହି ରାସ୍ତା ପ୍ରତ୍ୟକ୍ଷ ତଥା ପରୋକ୍ଷରେ ସଂଯୁକ୍ତ ତେଣୁ ଚାରିପଟରୁ ଯାନବାହାନ ଆସି ଏହି ରାସ୍ତା ଅତିକ୍ରମ ହୋଇନଥିଲା ବେଳେ ଜାଇକା କାମ ପରେ ସଡକଟିର ଛବି ଆହୁରି କଦର୍ଯ୍ୟ ହୋଇପଡିଛି; ତେବେ ଜାଇକା ଦ୍ୱାରା ଖନନ ହୋଇନଥିବା ଅଂଶ ମଧ ମାସମାସ ଧରି ଖାଲଖମାରେ ଭରି ରହିଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ତାହାର ମରାମତି କରାଉନାହାନ୍ତି । ମହାନଗର ନିଗମ ଯାନ୍ତ୍ରିକ ବିଭାଗରୁ ଜନପ୍ରତିନିଧି ପର୍ଯ୍ୟନ୍ତ ସଭିଏଁ ଏ ସମ୍ବନ୍ଧରେ ଅବଗତ ଥାଇ ସୁଦ୍ଧା କାମ ହେଉନାହିଁ । ଏବେ ସାମାନ୍ୟ ବର୍ଷାରେ ଖାଲଖମା ସବୁ ପାଣି ବୁଡିରହି ରାସ୍ତା ଓ ପାର୍ଶ୍ୱବର୍ତ୍ତୀ ନଳା ଏକାକାର ହେଉଛି ଏବଂ ବାରମ୍ବାର ଦୁର୍ଘଟଣା ଘଟି ଚାଲିଛି ।




# ବିଧାନସଭାରେ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗତ ୨୯ ତାରିଖ ଦିନ ପୂର୍ବାହ୍ନରେ ଓଡ଼ିଶା ବିଧାନସଭା ପକ୍ଷରୁ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଧାନସଭା ପରିସରସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଦରିଦ୍ର ଜନତାର ବନ୍ଧୁ, ବନ୍ୟା ପ୍ରପୀଡିତ ଓଡିଶାବାସୀଙ୍କ ସମର୍ପିତ ସେବ, ବିଶିଷ୍ଟ କବି ପଣ୍ଡିତ ଗୋପବନ୍ଧୁ ଓଡ଼ିଶାବାସୀଙ୍କ ହୃଦୟର ମଣିଷ ଥିଲେ ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଥିଲେ ।

ଉପବାଚସ୍ପତି ରଜନୀକାନ୍ତ ସିଂହ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାନସଭା ସଚିବ ଦାଶରଥୀ ଶତପଥୀ, ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉତ୍କଳର ଏହି ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।



ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଜୀବନୀ ଆଧାରିତ ସଂଗୀତ ପରିବେଷଣ କରାଯାଇଥିଲା ।

# ଜୟଦେବ ଭବନରେ ୪୨ତମ ବାର୍ଷିକ ଉତ୍ସବ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଶ୍ରୀ ଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୪୨ତମ ବାର୍ଷିକ ଉତ୍ସବ ସନ୍ଧ୍ୟା ଘ୬:୩୦ମିନିଟ୍ ସମୟରେ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି । ଉତ୍ସବକୁ ଉଦ୍‌ଘାଟନ କରିରଷିକେଶସ୍ଥିତ ଦିବ୍ୟଜୀବନ ସଂଘର ଉପ-ସଭାପତିସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ସ୍କନ୍ଦପୁରାଣ ବର୍ଣ୍ଣିତ ନୀଳମାଧବ ଉପାସନାଠାରୁ ଶ୍ରୀମନ୍ଦିରରେ ଇନ୍ଦ୍ରଦ୍ୟୁମ୍ନଙ୍କ ଚତୁର୍ଦ୍ଧା ଦାରୁମୂର୍ତ୍ତି ପ୍ରତିଷ୍ଠା ଓ ଉପାସନା ହେବା ପର୍ଯ୍ୟନ୍ତ ଘଟଣାବଳୀକୁ ବର୍ଣ୍ଣନାକରି କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ହିଁ ସକଳ ପାପ ତାପରୁମୁକ୍ତି ଦେଇଥାଏ ।

ମୁଖ୍ୟବକ୍ତା ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ତାଙ୍କ ଭାଷଣରେ କହିଥିଲେ ଯେ, ବିଗତ ୪୦ ବର୍ଷରୁଉର୍ଦ୍ଧ୍ୱସମୟ ଧରିଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ ନିଷ୍ଠାରସହଶ୍ରୀଜଗନ୍ନାଥ ଚେତନାର ପ୍ରଚାର ଓ ପ୍ରସାର, ଗବେଷଣା, ପ୍ରକାଶନ ଓ ଆଲୋଚନାଚକ୍ର ପ୍ରଭୃତି ନୀରବଚ୍ଛିନ୍ନ ଭାବରେ କରିଆସୁଥିବାରୁ ପ୍ରତିଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ ।ଶ୍ରୀଜଗନ୍ନାଥ ଚେତନାକୁମାନବଜାତି ନିଜେହୃଦୟଙ୍ଗମକରିମହାପ୍ରଭୁଙ୍କଚିନ୍ତା ଓ ଚେତନାରେ ଜୀବନ ଅତିବାହିତ କରିବା ଲାଗି ସେ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ପ୍ରତିଷ୍ଠାନ ତରଫରୁ ଶ୍ରୀ ଜଗନ୍ନାଥ ମନ୍ଦିରର ପୂର୍ବତନ ପ୍ରଶାସକଶ୍ରୀରବୀନ୍ଦ୍ର ନାରାୟଣମିଶ୍ରଙ୍କୁ "ଶ୍ରୀଜଗନ୍ନାଥ ସମ୍ମାନ" ୨୦୨୦, ବିଶିଷ୍ଟଗବେଷକ ପଣ୍ଡିତଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ "ଶ୍ରୀଜଗନ୍ନାଥ ସମ୍ମାନ" ୨୦୨୧ ଓ ବିକେ ପବ୍ଲିକେଶନ୍ସର ସତ୍ତ୍ୱାଧିକାରୀ ଶ୍ରୀ ବିଜୟ କୁମାର ମହାପାତ୍ରଙ୍କୁ "ଶ୍ରୀ ନୀଳଚକ୍ର ସମ୍ମାନ" ଦ୍ୱାରା ସମ୍ମାନିତ କରାଯାଇଥିଲା । ପ୍ରତ୍ୟେକଙ୍କୁ ଉତ୍ତରୀୟ, ମାନପତ୍ର, ପ୍ରତିଷ୍ଠାନର ଫଳକ, ପୁଷ୍ପଗୁଚ୍ଛ ଓ ଦଶ ହଜାରଟଙ୍କା ପ୍ରଦାନ କରାଯାଇଥିଲା ।



ପ୍ରତିଷ୍ଠାନ ଦ୍ୱାରା ସମ୍ପାଦିତ ଶ୍ରୀ ଜଗନ୍ନାଥ ଚେତନା, ଭାବସମୁଦ୍ର (୩ୟ ସଂସ୍କରଣ), ଶ୍ରୀମଦ୍‌ଭଗବଦ୍‌ଗୀତା, ଶ୍ରୀଅରବିନ୍ଦ ଚିନ୍ତନ (ହିନ୍ଦୀ), ଶ୍ରୀଜଗନ୍ନାଥ ଅନୁଭବ (ବଙ୍ଗଳା) ପ୍ରଭୃତି ପୁସ୍ତକ ସମ୍ମାନିତ ଅତିଥିମାନଙ୍କ ଦ୍ୱାରାଉନ୍ମୋଚନ ଓ ଲୋକାର୍ପଣକରାଯାଇଥିଲା ।

ଉତ୍ସବରେ ସ୍ୱାଗତ ଭାଷଣ ସହ ପୌରୋହିତ୍ୟ କରିଥିଲେ ପ୍ରଫେସର ଶ୍ରୀ ସୁରେନ୍ଦ୍ର ନାଥ ଦାଶ । ଅତିଥିମାନଙ୍କୁ ପରିଚିତ କରାଇଥିଲେ ପ୍ରଫେସର ପ୍ରମୋଦ କୁମାର ପରିଡ଼ା । ବିବରଣୀ ଉପସ୍ଥାପନ କରିଥିଲେ ସମ୍ପାଦକ ପ୍ରଫେସର ନାରାୟଣସାହୁ । ପ୍ରତିଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ଶ୍ରୀ ଅଲେଖ କୁମାର ଦାସ, ଉପ-ସଭାପତି ଶ୍ରୀ ସୁରେନ୍ଦ୍ର କୁମାର ପତ୍ରୀ, କୋଷାଧ୍ୟକ୍ଷଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ରପ୍ରଭୃତି କର୍ମକର୍ତ୍ତାଙ୍କ ଦ୍ୱାରା ଉତ୍ତରୀୟ, ପୁଷ୍ପଗୁଚ୍ଛ, ପ୍ରତିଷ୍ଠାନ ପ୍ରକାଶିତ ପୁସ୍ତକ ମୁଖ୍ୟଅତିଥି ସ୍ୱାମୀ ନିର୍ଲିପ୍ତାନନ୍ଦ ମହାରାଜ ଓ ମୁଖ୍ୟବକ୍ତା ପ୍ରଫେସର ହରେକୃଷ୍ଣ ଶତପଥୀଙ୍କୁ ପ୍ରଦାନ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀ ମାନସ କୁମାର ଦାସ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ ପୁଣ୍ୟଦର୍ଶନ ସାହୁ । ପ୍ରଜ୍ଞା ନୃତ୍ୟାୟନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ମହିଳାଙ୍କ ସଶକ୍ତିକରଣ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସମନ୍ୱିତ କୃଷି ଏବଂ କୃଷି କ୍ଷେତ୍ରରେ ମହିଳାଙ୍କ ସଶକ୍ତିକରଣ କୃଷି ଉତ୍ପାଦନ ବୃଦ୍ଧି ସହିତ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଏହି ପରିପ୍ରେକ୍ଷୀରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ସମନ୍ୱିତ କୃଷି ନିମନ୍ତେ ଅଗ୍ରାଧିକାର ଭିତ୍ତିରେ ସହାୟତା ଯୋଗାଇଦେବା ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



କୃଷି ଭବନଠାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃଷି ଓ ଖାଦ୍ୟ ଉତ୍ପାଦନ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିବା ଅବସରରେ କହିଲେ ଯେ ବିଭାଗୀୟ ଯୋଜନାଗୁଡିକ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚିପାରିବ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ । ଉଦ୍ୟାନ କୃଷି କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରାଧାନ୍ୟ ଦେବା ସହିତ କୃଷି ଉତ୍ପାଦନ ସଂଗଠନଗୁଡିକୁ ଅଧିକ ସଶକ୍ତ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷି ଓ କୃଷକମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ଅନେକଗୁଡିଏ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ଓଡ଼ିଶାକୁ କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ପରିଗଣିତ କରିବା ପାଇଁ ବିଭାଗ ବଦ୍ଧପରିକର ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

# ସିଆରପିଏଫ ଯବାନଙ୍କୁ ସଲାମ୍

## ରକ୍ତ ଦେଇ ଶିଶୁର ଜୀବନ ବଞ୍ଚାଇଲେ

**ବାଲିଗୁଡା(ସଂପର୍କବାର୍ତ୍ତା):-** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ କୋଟଗଡ ତୁମୁଡିବନ୍ଧ , ଦାରିଙ୍ଗବାଡି ଭଳି ଦୁର୍ଗମ ଅଂଚଳରୁ ରୋଗୀ ନିତିଦିନ ଚିକିତ୍ସା ପାଇଁ ଆସିଥାନ୍ତି । ହେଲେ ଚିକିତ୍ସାଳୟରେ ଡାକ୍ତର ଅଭାବ ସହ ଅଲ୍ଟ୍ରାସାଉଣ୍ଡ ମିଶିନ୍ ରକ୍ତଭଣ୍ଡାର ଥାଇ ମଧ ରୋଗୀଙ୍କ ସେବାରେ ଲାଗୁନାହିଁ । ତେବେ କୋଟଗଡ ବ୍ଲକ ଉପାନ୍ତ ଅଂଚଳରେ ବସ ବାସ କରୁଥିବା ଏକ ଗରିବ ପରିବାର ନିଜର ୧୦ବର୍ଷ ବୟସର ଝିଅ ମନୀଷା ମଣ୍ଡଳର ଦେହ ଅସୁସ୍ଥ ଥିବା ଯୋଗୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଝିଅଟି ସିକଲିନ୍ ରୋଗର ଆକ୍ରାନ୍ତ ହୋଇଥିବା ଯୋଗୁଁ ହଠାତ୍ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବା ସହିତ ରକ୍ତର ଆବଶ୍ୟକ ପଡିଥିଲା ଫଳରେ ଗରିବ ପରିବାର ଲୋକେ ରକ୍ତ ନପାଇ ଦୁଃଖରେ ଭାଙ୍ଗି ପଡିଥିଲେ । ଏହି ସମୟରେ ଦେବଦୂତ ସାଜି ବାଲିଗୁଡା ୧୨୭ ବାଟାଲିଆନ୍ କନଷ୍ଟେବଲ ପୀୟୂଷ କଲ୍ଲିଆ ଚିକିତ୍ସାଳୟରେ ପହଂଚି ବି-ପଜିଟିଭ୍ ରକ୍ତ ଦାନ କରିଥିଲେ । ଏହା ଫଳରେ ଛୋଟ ଶିଶୁଟି ନୂଆ ଜୀବନ ପାଇଛି ଯବାନଙ୍କ ଏଭଳି ମହାନତାକୁ ଅଞ୍ଚଳବାସୀ ବେଶ ପ୍ରଂଶସା କରିଛନ୍ତି ।



# ଥାନା ଆଗରେ ଆତ୍ମହୁତି ଘଟଣା

## ୨୫ହେବେ ଶୁଣାଣି

**କଟକ(ସଂପର୍କବାର୍ତ୍ତା):-** କିଶନନଗର ଥାନା ଆଗରେ ଯୁବକଙ୍କ ଆତ୍ମାହୁତି ଘଟଣାରେ ନିଜ ଆଡୁ ମାମଲା ରୁଜୁ କଲେ ଓଡିଶା ମାନବିକ ଅଧିକାର ଆୟୋଗ ଏନେଇ ପୋଲିସ ଡିଜିଙ୍କୁ ନୋଟିସ୍ ଜାରି ହୋଇଛି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କମିସନ ଜୁଲାଇ ୨୫ରେ ଓଏଚଆଇସିରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । କିମନନଗର ଥାନା ଆଗରେ ଆତ୍ମାହୂତି ଉଦ୍ୟମ କରିଥିବା ଗୁଣନିଧି ବିଶୋୟୀଙ୍କ ସତ୍ୟ ହୋଇଛି । ସେପଟେ କିଶନନଗର ଥାନା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଛନ୍ତି ଗ୍ରାମାଂଳ ଏସପି । ଗତକାଲି କଟକ ଜିଲ୍ଲା କିଶନନଗର ଥାନା ଆଗରେ ଆତ୍ମାହୁତି ଉଦ୍ୟମ କରିଥିଲେ ଇସାଣିବରମପୁର ଗାଁର ଗୁଣନିଧି ବିଶୋୟୀ ଗୁଣନିଧିଙ୍କୁ ତାଙ୍କ ପୁତୁରା ସାଗର ବିଷୋୟୀ ଆକ୍ରମଣ କରିବା ପରେ ସେ ଥାନାରେ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ନ୍ୟାୟ ନମିଳିବାରୁ ପୋଲିସ ନଷ୍କ୍ରିୟତା ଦାବିରେ ଗତକାଲି ଆତ୍ମାହୁତି ଉଦ୍ୟମ କରିଥିଲେ ।

# ଦିଲ୍ଲୀ ପରେ ପଞ୍ଜାବରେ ମାଗଣା ବିଜୁଳି

## ଓଡ଼ିଶାରେ କେବେ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କଥା ରଖିଲା ଆମ ଆଦମୀ ଦଳ ପଞ୍ଜାବରେ ନିର୍ବାଚନ ବେଳେ ଦିଆଯାଇଥିବା ମାଗଣା ବିଜୁଳି ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି ସରକାର । ଏନେଇ ମୁଖ୍ୟମନ୍ତ୍ରୀ ଭାଗଓନ୍ତ ମାନ ଶୁକ୍ରବାର ଘୋଷଣା କରିଛନ୍ତି । ତଦନୁଯାୟୀ ଜୁଲାଇ ୧ରୁ ପ୍ରତ୍ୟେକ ପରିବାରକୁ ପ୍ରତି ମାସରେ ୩୦୦ୟୁନିଟ୍ ମାଗଣା ବୁଦ୍ୟୁତ ଦିଆଯିବ । ଏଥିସହ ୨୦୨୧ଡିସେମ୍ବର ୩୧ପୂର୍ବର ସମସ୍ତ ବିଜୁଳି ବିଲ୍ କୁ ଛାଡ କରାଯିବ । ପୂର୍ବ ସରକାର ନିର୍ବାଚନ ସମୟରେ ରାଜ୍ୟବାସୀଙ୍କୁ ଦେଉଥିଲେ । ହେଲେ ଏହା ପୂରଣ କରିବା ଲାଗି ୫ବର୍ଷ ବିତିଯାଉଥିଲେ ହେଲେ ଏଏପି ସରକାର ପଞ୍ଜାବ ଇତିହାସରେ ଏକ ନୂଆ ଉଦାହରଣ ସୃଷ୍ଟି କରିଛି । ପଞ୍ଜାବସୀଙ୍କୁ ଦେଇଥିବା ଆଉ ଏକ ପ୍ରତିଶ୍ରୁତି ସରକାର ପୂରଣ କରିବାକୁ ଯାଉଛୁ ତେବେ ମାଗଣା ବିଦ୍ୟୁତ ଯୋଗଇବାରେ ଦିଲ୍ଲୀ ପରେ ପଞ୍ଜାବ ଦ୍ୱିତୀୟ ରାଜ୍ୟ ହୋଇଛି ।




# ଦିଘା ସମୁଦ୍ରରେ ବଜ୍ରପାତ

## ଦୁଇ ମୃତ, ୪ଗୁରୁତର

**ଭୋଗରାଇ(ସଂପର୍କବାର୍ତ୍ତା):-** ଦିଘା ସମୁଦ୍ରରେ ଗାଧୋଉଥିବା ବେଳେ ଅଘଟଣ । ବଜ୍ରାଘାତରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ପବିତ୍ର ରଥଯାତ୍ରାରେ ଛୁଟି ଦିନରେ କୋଲକତାରୁ ୬ଜଣ ସାଙ୍ଗ ଦିଘା ବୁଲିବାକୁ ଆସିଥିଲେ ଦିଘା ଖଣିକା ଘାଟରେ ଗାଧୋଉଥିବା ବେଳେ ଝିପିଝିପି ବର୍ଷା ଲାଗି ରହିଥିଲା ୪ଜଣ ସାଙ୍ଗ ଗୋଧୋଇବା ପରେ ଉପରକୁ ଆସିଥିଲା ବେଳେ ହଠାତ ବିଜୁଳି ମାରିଥିଲା ଦୁଇ ସାଙ୍ଗ ୨୪ ବର୍ଷ ବୟସ୍କ ସଂଗ୍ରାମ ପାଳ ଓ ୨୬ ବର୍ଷ ବୟସ୍କ ଶୁଭଜିଳ ପାଳ ସେଠାରେ ଟଳି ପଡିଥିଲେ । ଅନ୍ୟ ସମସ୍ତେ ଅଚେତ ହୋଇଯାଇଥିଲେ । ତୁରନ୍ତ ସେମାନଙ୍କୁ ଦିଘା ହସ୍ପିଟାଲକୁ ପଠାଯାଇଥିଲା ମାତ୍ର ଡାକ୍ତର ସେଠାରେ ଦୁଇ ଜଣଙ୍କୁ ମୃତ ଘୋଷାଣ କରିଥିଲେ । ମୃତକ ଦୁଇ ଜଣ ପଶ୍ଚିମବଙ୍ଗ ଦକ୍ଷିଣ ୨୪ପ୍ରଗଣା ଜିଲ୍ଲା ହାଲିସହର ଓ ନଦିଆ ଜିଲ୍ଲାର କଲ୍ୟାଣୀ ଗ୍ରାମର ବାସିନ୍ଦା ବୋଲି ଜଣାପଡିଛି ।



# ପିତୃ ଦୋଷରୁ ମୁକ୍ତି ଲାଗି...

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଘରେ ଦୀପ ଜାଳିବା ଦ୍ୱାରା କେବଳ ଭଗବାନ ଦ୍ୱାରା ଭଗବାନ ସନ୍ତୁଷ୍ଟ ହୁଅନ୍ତି ନାହିଁ ବରଂ ବାସ୍ତୁ ଦୋଷ ମଧ ଦୂର ହୋଇଯାଏ ଯଦି ଆପଣ ନିୟମିତ ପୂଜା କରିବାକୁ ସକ୍ଷମ ନୁହଁନ୍ତି , ତେବେ ପିତୃ ଦୋଷ, ବାସ୍ତୁ ଦୋଷ ଏବଂ ଗ୍ରହମାନଙ୍କର ଅଶୁଭ ପ୍ରଭାବକୁ କମ୍ କରିବା ପାଇଁ ପ୍ରତିଦିନ ଏକ ଦୀପ ଜାଳନ୍ତୁ । ଘରେ ଘିଅ କିମ୍ବା ତେଲର ଦୀପ ଜାଳିବା ଦ୍ୱାରା ଧାର୍ମିକ ଲାଭ ମିଳିଥାଏ । ଆସନ୍ତୁ ଜାଣିବା ଘରର କେଉଁ ସ୍ଥାନରେ ଦୀପ ଜାଳିବାର କଣ ଲାଭ ହୋଇଥାଏ । ପିତୃପୁରୁଷଙ୍କୁ ଶାନ୍ତ କରିବା ପାଇଁ ; କୁହାଯାଏ ଓସ୍ତ ଗଛରେ ପିତୃପୁରୁଷମାନେ ରୁହନ୍ତି । ତେଣୁ ପ୍ରତ୍ୟେକ ଦିନ ଓସ୍ତ ଗଛ ମୂଳରେ ଜଳ ଢାଳିବା ସହିତ ଦୀପ ଜାଳିବା ଉଚିତ । ଏହା କରିବା ଦ୍ୱାରା ପିତୃପୁରୁଷମାନେ ଖୁସି ହୁଅନ୍ତି ପିତୃପୁରୁଷମାନେ ରୁହନ୍ତି । ତେଣୁ ପ୍ରତ୍ୟେକ ଦିନ ଓସ୍ତ ଗଛ ମୂଳରେ ଢାଳିବା ସହିତ ଘିଅର ଦୀପ ଜାଳିବା ଉଚିତ ଏହା କରିବା ଦ୍ୱାରା ପିତୃପୁରୁଷମାନେ ଖୁସି ହୁଅନ୍ତି ପିତୃପୁରୁଷଙ୍କ ଆର୍ଶୀର୍ବାଦ ପାଇବାକୁ ଘରର ଦକ୍ଷିଣ ଦିଗରେ ଏକ ଦୀପ ଜାଳନ୍ତୁ । ମା ଅନ୍ନପୂର୍ଣ୍ଣାଙ୍କ କୃପା ପାଇବାକୁ ଯେଉଁମାନେ ରୋଷେଇ ଘର ଚୁଲିରେ ଉଭୟ ପାର୍ଶ୍ୱରେ ଦୀପ ଜାଳନ୍ତି , ସେମାନଙ୍କର ଖାଦ୍ୟର ଅଭାବ ନଥାଏ । ଏହି ପରି ଲୋକଙ୍କ ଘରେଅନ୍ନର ଭଣ୍ଡାର ରହିଥାଏ । ଧନ ବୈଭବ ପ୍ରାପ୍ତ- ଶୁକ୍ରବାର ଦିନ ସନ୍ଧ୍ୟାରେ ଘରର ଐଶାନ୍ୟ କୋଣରେ ଘିଅର ଦୀପ ଜାଳିବା ଦ୍ୱାରା ମା ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ଦୀପରେ ଲାଲ୍ ରଙ୍ଗର ସୂତା ସହିତ କିଛି କେଶର ମିଶାଇ ଜାଳନ୍ତୁ ଯଦି ଆପଣ ଦାରିଦ୍ର୍ୟରୁ ମୁକ୍ତି ପାଇବାକୁ ଚାହଁନ୍ତି , ତେବେ ଦକ୍ଷିଣ ଦିଗରେ ଏକ ତେଲ ଦୀପ ଜାଳନ୍ତୁ ।



# ଏସ୍‌ସିବିରୁ କଏଦୀ ଫେରାର୍

**କଟକ(ତପନ ମହାନ୍ତି):-** ଏସ୍‌ସିବି ମେଡିକାଲ୍‌ରୁ ପୁଣି ଜଣେ ବିଚାରଧିନ କଏଦୀ ଚିକିତ୍ସାଧୀନ ଥିବା ଅବସ୍ଥାରେ ଚମ୍ପଟ ମାରିବା ଘଟଣା ଏସ୍‌ସିବି ମେଡିକାଲ୍ ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି । ପ୍ରକାଶ ଯେ, ଯାଜପୁରରୋଡ ଉପକାରାଗାରରେ ଏକ ହତ୍ୟା ମାମଲାରେ ବିଚାରଧୀନ କଏଦୀ ଭାବେ ସଜା କାଟୁଥିବା କାଳିଆ ପାଣି ଥାନା ଅଞ୍ଚଳର ଶୁକ୍ରା ମୁଣ୍ଡା ଯକ୍ଷ୍ମା ରୋଗରେ ପୀଡିତ ହୋଇଥିଲେ । ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରୁ ତାଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ନ୍ୟୁରୋଲୋଜି ବିଭାଗରେ ସୁରକ୍ଷା ବଳରେ ମଧ୍ୟରେ ଚିକିତ୍ସା କରାଯାଉଥିଲା । ହେଲେ ଶୁକ୍ରା ଝାଡା ଯିବାକୁ କହି ସୁରକ୍ଷା କର୍ମୀଙ୍କୁ ଚମ୍‌କା ଦେଇ ଚମ୍ପଟ ମାରିଥିବା ନେଇ ମଙ୍ଗଳବାଗ ଥାନାରେ ଅଭିଯୋଗ ହୋଇଛି । ଥାନାରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଅମିତାବ ମହାପାତ୍ର ସୂଚନା ଦେଇଛନ୍ତି ।

# ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ପରାମର୍ଶ...

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ(ଏଏନ୍ଏମ୍)ର ୧୫ତମ ଦ୍ୱି-ବାର୍ଷିକ ସମ୍ମିଳନୀ ଜୟଦେବ ଭବନଠାରେ ରାଜ୍ୟ ସ୍ୱାସ୍ଥ୍ୟକର୍ମୀ ମହାସଂଘର ଉପଦେଷ୍ଟା ସଂଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ




ହୋଇଯାଇଛି । ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଉପସ୍ଥିତ ରହି କହିଛନ୍ତି ଯେ ବନ୍ୟା, ବାତ୍ୟା, କରୋନା ଭଳି ବିଭିନ୍ନ ମହାମାରୀ ସମୟରେ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସ୍ୱାସ୍ଥ୍ୟ ସେବା ବାସ୍ତବିକ ପ୍ରଶଂସା ଯୋଗ୍ୟ । ସେମାନେ ସବୁବେଳେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ସେମାନେ ନିଜ ଜୀବନକୁ ଉତ୍ସର୍ଗ କରି ଅନ୍ୟମାନଙ୍କୁ ଜୀବନ ଦେବାରେ ସହାୟ ହୋଇଛନ୍ତି । ମନେ ହୁଏ, ଏ ମାନେ ହେଉଛନ୍ତି, ଭଗବାନଙ୍କ ନିଆରା ସୃଷ୍ଟି । ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ବିଭିନ୍ନ ଦାବିଗୁଡିକ ପ୍ରତି ସରକାର ସବୁବେଳେ ସହାନୁଭୂତିଶୀଳ ଅଟନ୍ତି ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସରକା ଉପସ୍ଥିତ ରହି କରୋନା ସମୟରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିବେଦନ କରିଥିଲେ । ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଶିଶିର ପରିଜା ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।

### କଟକରେ ଡିଲରଙ୍କ ଧମକ

# କିରାସିନି ନନେଲେ ଚାଉଳ ଓ ଗହମ ବନ୍ଦ

**କଟକ(ସଂପର୍କବାର୍ତ୍ତା):-** ଗରିବ ତଥା ମଧ୍ୟବିତ୍ତ ପରିବାରରେ କିରୋସିନ ଏକ ଅତ୍ୟାବଶ୍ରକ ସାମଗ୍ରୀ ହୋଇଥିବା ବେଳେ ଏବେ ସେମାନଙ୍କ ପାଇଁ ଏହା ସାତସପନ ପାଲଟିଛି । ସାଧାରଣତଃ ଚୁଲି ଲଗାଇବାକୁ ହେଲେ ପ୍ରଥମେ କିରୋସିନ ଖୋଜା ପଡିଥାଏ । କିରୋସିନ ଦ୍ୱାରା ସହଜରେ ଚୁଲିରେ ନିଆଁ ଧରିଥାଏ । ହେଲେ ଏବେ କିରୋସନ ଦର ଆକାଶଛୁଆଁ ହୋଇଛି । ପେଟ୍ରୋଲ-ଡିଜେଲ ସହ ତାଳ ଦେଇ ଏହାର ଦର ଏବ ଲିଟର ପ୍ରତି ୮୭ ଟଙ୍କାରୁ ଅଧି କହେଲାଣି । ଯାହାକୁ ନେଇ ସାଧାରଣ ଖାଉଟି ଏବେ ଚିନ୍ତାରେ ପଡିଯାଇଛି ।

ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦରବୃଦ୍ଧି ପାଇଁ କିରୋସିନ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଥିବା ଜଣାପଡିଛି । ଗତ ୬ ମାସ ପୂର୍ବରୁ ଏହାର ଦର ୫୦ ଟଙ୍କା ଭିତରେ ସୀମିତ ରହିଥିଲା । ଏବେ ଦର ବୃଦ୍ଧି ଯୋଗୁ କିରୋସିନ ଚାହିଦା ମଧ ୮୦ ପ୍ରତିଶତ ହ୍ରାସ ପାଇଛି । କଟକ ଜିଲ୍ଲାର ସ୍ଥିତି ଯାହା ସାରା ରାଜ୍ୟରେ ବି ସମାନ ସ୍ଥିତି ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ କଟକ ଜିଲ୍ଲା ପ୍ରାୟ ୫ ଲକ୍ଷରୁ ଅଧିକ ଖାଉଟି ରହିଥିବା ବେଳେ ସେମାନଙ୍କୁ ସାଧାରଣ ୟନ ବ୍ୟବସ୍ଥାରେ କିରୋସିନ ଯୋଗାଣ ହୋଇଆସୁଛି । କଟକ ଜିଲ୍ଲା ଅତିରିକ୍ତ ଯୋଗାଣ ବିଭାଗ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ରଙ୍କ କହିବାନୁସାରେ ଜିଲ୍ଲାରେ ଗତ ତିନି ମାସର କୋଟା ଯାହା ରହିଛି ତାହାର ଅଧା ମଧ ଉଠାଣ ହୋଇନାହିଁ । ଅନ୍ୟପଟରେ ଯାହା କିଛି ଉଠାଣ ହୋଇଛି ତାହା ବି ହୋଲସେଲର, ଡିଲର ପଏଣ୍ଟରେ ପଡିରହିଛି । ପଡିକାର୍ଡରେ ଖାଉଟି ମାନେ କିରୋସିନ କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ଶ୍ରୀ ମିଶ୍ର କୁହନ୍ତି । ଆବଶ୍ୟକ ଆର୍ଥିକ ସଚ୍ଛଳ ବର୍ଗର ପରିବାର ଆଉ କିରୋସିନ ଆବଶ୍ୟକ କରୁନାହାନ୍ତି । ଯେହେତୁ ସେମାନଙ୍କ ଘରେ ଚୁଲି, ଷ୍ଟୋଭ ରୋଷେଇର ବିକଳ୍ପ ହୋଇଛି ରନ୍ଧନ ଗ୍ୟାସ । ସେହିପରି ବିଦ୍ୟୁତ କାଟ ହେଲେ ମଧ ଏହାର ବିକଳ୍ପ ଭାବେ ଇନଭର୍ଟର, ଜେନେରେଟର ଦ୍ୱାରା କାମ ଚଳୁଛି । କିନ୍ତୁ ସାଧାରଣ ମଧବିତ ଓ ଗରିବ ପରିବାରରେ କିରୋସିନ ପ୍ରୟୋଜନ ସବୁ ସମୟରେ ରହୁଛି । ହେଲେ ଆକାଶଛୁଆଁ ଦର ବୃଦ୍ଧି ପାଇଁ ସେମାନେ ଚିନ୍ତାରେ ପଡିଛନ୍ତି । କଟକ ଜିଲ୍ଲାରେ ଗତ ତିନିମାସ ମଧ୍ୟରେ ପ୍ରାୟ ୧୮ ଲକ୍ଷ ଲିଟର କିରୋସିନ ଯୋଗାଣ ପାଇଁ ରହିଥିଲେ ବି ଏ ପର୍ଯ୍ୟନ୍ତ ୭-୮ଲକ୍ଷ ଲିଟର କିରୋସିନ କୋଟା ଉଠାଣ ହୋଇଛି । ହେଲେ ଏହି ଉଠାଣର ୫୦ ପ୍ରତିଶତ ବି ଡିଲର ପଏଣ୍ଟରେ ବିକ୍ରି ହୋଇ ପାରୁନି । ଅନ୍ୟପଟରେ ଡିଲର ମାନଙ୍କ କହିବାକଥା ହେଲାକି କିରୋସିନ କୋଟା ମୁତାବକ ଉଠାଇବାକୁ ବାଧ କରାଯାଉଥିବାରୁ ସେମାନେ ଏହା ଉଠାଇଛନ୍ତି । ବିପୁଳ ଟଙ୍କା ଏଥିପାଇଁ ସେମାନଙ୍କୁ ବିନଯୋଗ କରିବାକୁ ପଡୁଛି । ଆଉ ବିକ୍ରି ନହେଲେ ସେମାନେ କ୍ଷତିସହିବା ସାର ହୋଇଛି ବୋଲି କୁହାଯାଉଛି । ଅନ୍ୟପଟରେ କେତେକ ଖାଉଟିଙ୍କ କହିବା କଥା ହେଲାକି କେତେକ ସ୍ଥାନରେ ଡିଲରମାନେ କିରୋସିନ ନେବାକୁ ବାଧ କରୁଛନ୍ତି । ଏପରିକି କିରୋସିନ ନକିଣିଲେ ଚାଉଳ, ଗହମ ଦେଉ ନଥିବା ଅଭିଯୋଗ ହେଉଛି । ଗତ ୭ ବର୍ଷରେ କିରୋସିନ ଦର ୬ ଗୁଣା ବୃଦ୍ଧି ପାଇଥିବା କୁହାଯାଉଛି ।


# ନିର୍ଦ୍ଧାରିତ ସମୟରେ ସ୍କୁଲ ଆସୁନାହାନ୍ତି ଶିକ୍ଷକ ! ଦୁଃଖ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନିର୍ଦ୍ଧାରିତ ସମୟରେ ସ୍କୁଲ ଆସୁନାହାଁନ୍ତି ସରକାରୀ ସ୍କୁଲର ଶିକ୍ଷକ । ଶିକ୍ଷକମାନେ କିଛି ସ୍ଥାନରେ ବିଳମ୍ବରେ ପହଞ୍ଚୁଥିବାବେଳେ ଆଉ କେଉଁଠି ଜମା ଆସୁ ନାହାନ୍ତି । ଗଣଶିକ୍ଷା ମନ୍ତ୍ରୀ ନିକଟରେ ବିଭିନ୍ନ ଜିଲ୍ଲା ଗସ୍ତ କରିଥିବାବେଳେ ଏଭଳି ତଥ୍ୟ ସାମ୍ନାକୁ ଆସିଛି । ଯାହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଫଳସ୍ୱରୂପ ବିଭିନ୍ନ ଜିଲ୍ଲା ପାଇଁ ଅଧିକାରୀମାନଙ୍କୁ ନିଯୁକ୍ତି କରାଯାଇଛି । ସେମାନେ ଅଚାନକ ଗସ୍ତ କରି

## କେବେଠୁ ହେବ ବାୟୋମେଟ୍ରିକ

ସ୍କୁଲର ସ୍ଥିତି ପରଖିବେ । ଶିକ୍ଷକଙ୍କ ଉପସ୍ଥାନ ଓ ଶୈକ୍ଷିକ ମାନ ଯାଞ୍ଚ କରିବେ । ସ୍କୁଲ୍‌ର ଅଭାବ ଅସୁବିଧା ବାବଦରେ ବିଭାଗକୁ ରିପୋର୍ଟ ଦେବେ । ହେଲେ ପ୍ରଶ୍ନ ଉଠୁଛି ଶିକ୍ଷକଙ୍କ ଉପସ୍ଥାନ ଓ ସମୟ ଯାଞ୍ଚ ପାଇଁ ଗଣଶିକ୍ଷା ବିଭାଗର ଅତ୍ୟାଧୁନିକ ବ୍ୟବସ୍ଥା କେବେ ? ଅତୀତରେ ଯୋଜନା ଥିବା ବାୟୋମେଟ୍ରିକ୍ ଉପସ୍ଥାନ ଯୋଜନା କେବେ ଠାରୁ ଲାଗୁ ହେବ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି ।

କେଉଁ ସମୟରେ ଶିକ୍ଷକମାନେ ସ୍କୁଲ ଆସୁଛନ୍ତି ? ସ୍କୁଲ୍‌ରେ କେତେ ସମୟ ରହୁଛନ୍ତି ? ଏସବୁକୁ ତଦାରଖ ପାଇଁ ଗଣଶିକ୍ଷା ବିଭାଗ ବାୟୋମେଟ୍ରିକ୍ ବ୍ୟବସ୍ଥା ଭଳି ଅଭିନବ ଯୋଜନା କରିଥିଲା । ଏଥିପାଇଁ ସମସ୍ତ ଅଂଶୀଦାରମାନଙ୍କ ସହିତ ଆଲୋଚନା ହେବା ସହ ବ୍ୟୟ ବରାଦ ମଧ ସରିଲା । ୨୦୧୪ ମସିହାରୁ ହୋଇଥିବା ଏହି ଯୋଜନା ଏବେ ଶୀତଳଭଣ୍ଡାରରେ ପଡି ରହିଛି । ଇତି ମଧରେ ୫ରୁ ଅଧିକ ମନ୍ତ୍ରୀ ଓ ସଚିବ ବଦଳି ଥିବାବେଳେ ଯୋଜନା କେବଳ ଯୋଜନାରେ ହିଁ ସୀମିତ ରହିଛି । ବାସ୍ତବ ରୂପ ନେଇନି । ସେହିପରି ବାୟୋମେଟ୍ରିକ୍ ଯୋଜନା ଶିକ୍ଷକମାନଙ୍କ ସହିତ ପିଲାଙ୍କ ପାଇଁ ଲାଗୁ କରାଯିବାର ବ୍ୟବସ୍ଥା ହୋଇଥିଲା । ଦୈନିକ ପିଲାଙ୍କ ଉପସ୍ଥାନ ଯାଞ୍ଚ କରିବା



ଓ ମଧ୍ୟାହ୍ନ ଭୋଜନ ଯୋଜନାରେ ହେଉଥିବା ବାଟମାରଣାକୁ ମଧ ରୋକିବା ପାଇଁ ଏହାକୁ ଲାଗୁ କରାଯିବାର ଯୋଜନା ରହିଥିଲା । ପ୍ରାଥମିକ ପର୍ଯ୍ୟାୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହାକୁ କିଛି ସ୍କୁଲ୍‌ରେ ପାଇଲଟ ପ୍ରକଳ୍ପ ଭାବେ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ହେଲା ।

ହେଲେ ପରିତାପର ବିଷୟ ସ୍କୁଲ ସ୍ତରରେ ଏହାକୁ ଲାଗୁ କରିବା ସମ୍ଭବପର ହେଲାନି । ଏବେ ପୁଣି ଗଣଶିକ୍ଷା ବିଭାଗ ଅଧିକାରୀଙ୍କ ଗସ୍ତକୁ ଗୁରୁତ୍ୱ ଦେଉଛି । ଏଣିକି ତୃଣମୂଳ ସ୍ତରରୁ ନିୟମିତ ଶିକ୍ଷାଦାନ ସ୍ଥିତି ଯାଞ୍ଚ କରିବାକୁ ବିଭାଗ ଯୋଜନା କରିଛନ୍ତି । ସଚିବଙ୍କ ଠାରୁ ଆରମ୍ଭ କରି ସିଆର୍‌ସିସିମାନେ ନିୟମିତ ବିଭିନ୍ନ ସ୍କୁଲ ଗସ୍ତ କରି ସ୍ଥିତି ପରଖିବେ । ଏଥି ପାଇଁ ବିଭାଗର ସଚିବ, ଅତିରିକ୍ତ ସଚିବ, ନିର୍ଦ୍ଦେଶକ ଓ ଅତିରିକ୍ତ ନିର୍ଦ୍ଦେଶକ ପ୍ରମୁଖଙ୍କୁ ଜିଲ୍ଲାୱାରୀ ଦାୟିତ୍ୱ ବଣ୍ଟନ ହୋଇଛି । ସେମାନେ ଅଚାନକ ଗସ୍ତ କରି ଶିକ୍ଷକଙ୍କ ଉପସ୍ଥାନ, ଶିକ୍ଷାଦାନ ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ଯାଞ୍ଚ କରିବେ । ହେଲେ ବାୟୋମେଟ୍ରିକ୍ ବ୍ୟବସ୍ଥା ଲାଗୁ କରାଗଲେ ସହଜରେ ଶିକ୍ଷକଙ୍କ ଉପସ୍ଥାନ ଓ ଶିକ୍ଷାଦାନ ସମୟ ଯାଞ୍ଚ କରାଯାଇ ପାରିବ ବୋଲି ଶିକ୍ଷାବିତ ପ୍ରବୋଧ ପଣ୍ଡା କହିଛନ୍ତି ।

ସେ ଆହୁରି ମଧ କହିଛନ୍ତି ଯେ, ଖାଲି ଉପସ୍ଥାନ ସମୟ ଯାଞ୍ଚ କଲେ ଗୁଣାତ୍ମକ ଶିକ୍ଷା ମିଳିବନି । ଏଥିପାଇଁ ସ୍କୁଲଗୁଡିକୁ ବିଭାଗ ଆବଶ୍ୟକ ସଂଖ୍ୟକ ଶିକ୍ଷକ ମଧ ଯୋଗାଇ ଦେବା ଜରୁରୀ ସେହିଭଳି ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ କହନ୍ତି, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଦୈନିକ ରେକର୍ଡ ହେଉଛି । ସିଆର୍‌ସିସିମାନଙ୍କୁ ତୃଣମୂଳ ସ୍ତରରେ ଏହି ଦାୟିତ୍ୱ ଦିଆଯାଇଛି । ତେବେ ଏହାକୁ ଡିଜିଟାଇଜେସନ୍ ପାଇଁ ବିଭାଗ ସ୍ତରରେ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି ।

# ମୁଣ୍ଡଳୀ ବ୍ରିଜ ଉପରେ ଅପରିଚିତ ବୁଲେଟ୍ ?

**କଟକ(ସଂପର୍କବାର୍ତ୍ତା):-** ଗତକାଲି ମୁଣ୍ଡଳୀ ବ୍ରିଜ ନିକଟରେ ଏକ ବୁଲେଟ ଠାବ କରାଯାଇଛି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ବଢିବାରେ ଲାଗିଛି । ଏହି ବାଇକଟି ଆଇଡିଏଫ୍‌ସି ବ୍ୟାଙ୍କ କର୍ମଚାରୀ ପ୍ରସନ୍ନଜିତ ମହାନ୍ତିଙ୍କର ବୋଲି ଜଣାଯାଇଛି । ବାଇକ୍ ନଂ- ଓଡି-୦୬-ଏ-୩୫୯୮ । ପ୍ରସନ୍ନଜିତ ନିଖୋଜ ଥିବା ଏବଂ ବାଇକ ମିଳିବାକୁ ନେଇ ତାଙ୍କ ପତ୍ନୀ ଶୋଭନା ପଟ୍ଟନାୟକ ଆଠଗଡ ଥାନାରେ ଏକ ଏତଲା ଦେଇଛନ୍ତି ।



ସେ ଦେଇଥିବା ଏତଲା ଅନୁସାରେ ପ୍ରସନ୍ନଜିତ ଜଣେ କଷ୍ଟମରଙ୍କ ଠାରୁ ଫାଇଲ୍ ଆଣିବାକୁ କହି ଅପରାହ୍ନ ୪ଟାରେ ଘରୁ ବାହାରିଥିଲେ । ଏହାପରେ ତାଙ୍କର ମୋବାଇଲ୍ ସନ୍ଧ୍ୟା ୬ଟା ସମୟରେ ସୁଇଜ୍ ଅଫ୍ ହୋଇଯାଇଥିଲା ଏବଂ ଏହା ପରେ ତାଙ୍କ କୌଣସି ଖବର ବିଳମ୍ବିତ ରାତି ପର୍ଯ୍ୟନ୍ତ ମିଳି ନଥିଲା । ସକାଳେ ବ୍ୟାଙ୍କ କର୍ମଚାରୀମାନେ ତାଙ୍କୁ ବାଇକ୍ ବାବଦରେ ସୂଚନା ଦେଇଥିଲେ ।

ମୁଣ୍ଡଳୀ ବ୍ରିଜ୍ ନିକଟରେ ପ୍ରସନ୍ନଜିତଙ୍କର ବାଇକ୍ ଥିବା ଷ୍ଟାଫ୍ ଶୋଭନାଙ୍କୁ ଜଣାଇଥିଲେ । ଏହାପରେ ପ୍ରସନ୍ନଜିତ ମୁଣ୍ଡଳୀଠାରେ ପହଞ୍ଚି ବାଇକ୍‌କୁ ଚିହ୍ନଟ କରିଥିଲେ । ଏଥିସହିତ ପ୍ରସନ୍ନଜିତ ନିଖୋଜ ନେଇ ସେ ଆଠଗଡ ଥାନାରେ ଏତଲା ଦେଇଥିଲେ । ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚିଛି । ପ୍ରସନ୍ନଜିତ କୁଆଡେ ଗଲେ ଏବଂ ତାଙ୍କ ବାଇକ କେଉଁ ପରିସ୍ଥିତିରେ ମୁଣ୍ଡୁଳୀରେ ମିଳିଲା ତାହା ସନ୍ଦେହ ଭିତରେ ରହିଛି ।

# ସତରେ କଟକ ମାସ୍କ ବାଧ୍ୟତାମୂଳକ ହେବ ?

**କଟକ(ସଂପର୍କବାର୍ତ୍ତା):-** ଭୁବନେଶ୍ୱର ପରେ କଟକରେ ମଧ ମାସ୍କ ହେଲା ବାଧ୍ୟତାମୂଳକ । ସିଏମ୍‌ସି ଅଞ୍ଚଳରେ ମାସ୍କ ବ୍ୟବହାର ବାଧ୍ୟତାମୂଳକ କରିଛି କଟକ ମହାନଗର ନିଗମ । ଖାଲି ସେତିକି ନୁହେଁ, କଟକକୁ ବାହାରୁ ଯାଉଥିବା ସମସ୍ତ ଲୋକଙ୍କ ପାଇଁ ମଧ ମାସ୍କ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି ।



ସିଏମ୍‌ସି ତରଫରୁ ଯେଉଁ ବିଜ୍ଞପ୍ତୀ ଜାରି କରି ଏହି ସୂଚନା ଦିଆଯାଇଛି, ସେଥିରେ ଉଲ୍ଲେଖ କରାଯାଇଛି ଯେ, କଟକ ସହର ଭିତରେ ମାସ୍କ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି । ସର୍ବସାଧାରଣ ସ୍ଥାନକୁ ଗଲେ ମାସ୍କ ବ୍ୟବହାର କରିବାକୁ ଲୋକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ତା ସହିତ ଲୋକମାନେ ନିଜ ନିଜ ଭିତରେ ଦୁଇ ମିଟର ଦୂରତା ରକ୍ଷା କରିବାକୁ ସିଏମ୍‌ସି ନିର୍ଦ୍ଦେଶ ଦେଇଛି । ସମସ୍ତ ମଲ, ଦୋକାନରେ ସାମାଜିକ ଦୂରତା ନିୟମ କଡାକଡି ପାଳନ କରିବାକୁ ସିଏମ୍‌ସି ଏହି ନିର୍ଦ୍ଦେଶନାମା ଉଲ୍ଲେଖ କରିଛି ।

ଅନ୍ୟପଟେ କୋଭିଡ୍ ସଂକ୍ରମଣ କିଛି ଜିଲ୍ଲାରେ ବଢୁଥିବାରୁ ସମସ୍ତେ କୋଭିଡ୍ ନିୟମ ପାଳନ କରିବାକୁ ସିଏମ୍‌ସି ନିର୍ଦ୍ଦେଶ ଦେଇଛି । ଜନସାଧାରଣମାନେ ସର୍ବସାଧାରଣ ସ୍ଥାନରେ ଛେପ ନପକାଇବାକୁ କୁହାଯାଇଛି ।

# ଭକ୍ତଙ୍କ ମୁହଁରେ ପ୍ରଶାସନ ବାନ୍ଧି ପାରିଲାନି ମାସ୍କ

**ପୁରୀ(ସଂପର୍କବାର୍ତ୍ତା):-** ଶେଷ ହୋଇଛି ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା । ସନ୍ଧ୍ୟା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ଆଗରେ ପହଞ୍ଚିଲା ତିନି ରଥ ତେବେ ରଥଯାତ୍ରା ପାଇଁ ଆଜି ଲୋକାରଣ୍ୟ ପାଲଟି ଯାଇଥିଲା ଶ୍ରୀକ୍ଷେତ୍ର । କରୋନା କଟକଣା ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଥିବା ବେଳେ ଅଧିକାଂଶ ଭକ୍ତଙ୍କ ମୁହଁରେ ନଥିଲା ମାସ୍କ । କରୋନା ମହାମାରୀ କାରଣରୁ ଦୀର୍ଘ ୨ ବର୍ଷ ହେଲା ଭକ୍ତଶୂନ୍ୟ ଥିଲା ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା । ଦୁଇବର୍ଷ ପରେ ସ୍ୱଚକ୍ଷୁରେ




ରଥ ଉପରେ ଶ୍ରୀଜୀଉଙ୍କୁ ଦର୍ଶନ କରି ଭାବ ବିହ୍ୱଳ ହୋଇ ଯାଇଥିଲେ ଭକ୍ତ । ଫଳରେ ବଡଦାଣ୍ଡରେ ଲକ୍ଷ ଲକ୍ଷ ଭକ୍ତଙ୍କ ଗହଳି ଭିତରେ ମାସ୍କ ଯାଞ୍ଚ କରିବାର କୌଣସି ସୁଯୋଗ ମିଳିନଥିଲା ।

## ପୁରୀ ରଥଯାତ୍ରା

ସେପଟେ ରଥଟଣା ସମୟରେ ପ୍ରାୟ ୯୬ଜଣ ଶ୍ରଦ୍ଧାଳୁ ଅଚେତ ହୋଇଥିବା ଖବର ମିଳିଛି । ସେମାନଙ୍କୁ ଉଦ୍ଧାର କରାଯିବା ପରେ ଆମ୍ବୁଲାନ୍ସ ଯୋଗେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ବଳଭଦ୍ରଙ୍କ ରଥ ଟାଣିବା ବେଳେ ଜଣେ ଆହତ ହୋଇଛନ୍ତି । ସେ ବ୍ରହ୍ମପୁର ଭଞ୍ଜନଗର ଅଞ୍ଚଳର ୬୫ ବର୍ଷିୟ ଜୟରାମ ଶତପତୀ ବୋଲି ଜଣାପଡିଛି ।

ସେହିପରି ନଡିଆ ମାଡରେ ରାପିଡି ଆକ୍ସନ ଫୋର୍ସର ଜଣେ ମହିଳା କର୍ମଚାରୀ ଆହତ ହୋଇଛନ୍ତି । ତାଙ୍କଯକ ମୁଣ୍ଡରେ ନଡିଆ ବାଜିଥିବାରୁ ସେ ରକ୍ତାକ୍ତ ହୋଇଛନ୍ତି । ତାଙ୍କ ନାମ ଏଏଚ୍ ସୁମତି ଦେବି । ସେହିପରି ପ୍ରାୟ ୧୦ଜଣ ଯାତ୍ରୀ ସମୁଦ୍ର ସ୍ନାନ ବେଳେ ଲହଡି ମାଡରେ ଆହତ ହୋଇ ସହର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି ।

# ଛାତ୍ରୀଙ୍କୁ ଶିକ୍ଷକଙ୍କ ଦୁଷ୍କର୍ମ, ବହେ ଖାଇଲେ, ୫ ଲକ୍ଷ ଦେଇ ଖସିଲେ


**ଜଳେଶ୍ୱର(ସଂପର୍କବାର୍ତ୍ତା):-** ଜଳେଶ୍ୱର ଥାନା ଅଂଚଳରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ଟ୍ୟୁସନ ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଘଟଣାରେ ଆଜି ସମ୍ପୃକ୍ତ ଟ୍ୟୁସନ ଶିକ୍ଷକଙ୍କୁ ଗ୍ରାମୀବାସୀ ପୂର୍ବାହ୍ନ ୭ଟାରୁ ସନ୍ଧ୍ୟାଯାଏ ଅଟକ ରଖିଛନ୍ତି । ଶିକ୍ଷକଙ୍କଠାରୁ ଜରିମାନା ଆକାରରେ ୫ଲକ୍ଷ ଟଙ୍କା ନପାଇବା ଯାଏ ତାଙ୍କୁ ଛଡା ଯିବନି ଓ ପୁଲିସରେ ଜିମା ଦିଆଯିବ ବୋଲି କୁହା ଯାଇଥିବା ବେଳେ ପୁଲିସ ନିକଟରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡିଛି ।ପ୍ରକାଶ ଯୋଗ୍ୟ ଗତ ୪ଦିନ ତଳେ ଟ୍ୟୁସନ ଶିକ୍ଷକ ଛୁଟିହେବା ପରେ ଅନ୍ୟଛାତ୍ରୀଙ୍କୁ ଘରକୁ ଚାଲିଯିବାକୁ କହିବା ସହ ଏହି ଛାତ୍ରୀଙ୍କୁ ରହିବା



ପାଇଁ କହିଥିଲେ । ଏହାପରେ ଏକୁଟିଆ ପାଇ ସମ୍ପୃକ୍ତି ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ସହ ଏକଥା କାହାକୁ କହିବାକୁ ମନା କରିଥିଲେ । ଉଛାତ୍ରୀ ଜଣକ ଘରକୁ ଫେରିବା ପରେ ଗୁମସୁମ ରହିଥିଲେ । ଏପରିକି ଆଉ ଟ୍ୟୁସନ କେବେ ଯିବେ ନାହିଁ ବୋଲି ଆଡି ବସିବାକୁ ତାଙ୍କୁ ତାଙ୍କ ବାପାମା ଗତକାଲି ରାତିରେ ବୁଝାଇବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ଛାତ୍ରୀଜଣକ ଶିକ୍ଷକଙ୍କ କଳାକାରନାମା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ ।ଶିକ୍ଷକଜଣକ ଅନ୍ୟ ଏକ ଗାଁର ହୋଇଥିବା ବେଳେ ଆଜି ସେ ଟ୍ୟୁସନ କରୁଥିବା ସ୍ଥାନକୁ ଆସିବା ପରେ ଛାତ୍ରୀଙ୍କ ପରିବାର ଲୋକେ ଓ ଗ୍ରାମବାସୀ ସେଠାରେ ପହଂଚି ତାଙ୍କୁ ଅଟକ ରଖି ଉତ୍ତମମଧ୍ୟମ ଦେଇଥିଲେ । ଏପରିକି ୫ଲକ୍ଷ ଟଙ୍କା ଜରିମାନା ନଦେଲେ ପୁଲିସକୁ ମାମଲା ହସ୍ତାନ୍ତର କରିବେ ବୋଲି ଧମକ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇ ପାରିନଥିବା ବେଳେ ସମ୍ପୃକ୍ତ ଅଂଚଳରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ଦିବସ ପାଳିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ୧ ଜୁଲାଇ ୨୦୨୨ ଦିନ ୬୭ତମ ବ୍ୟାଙ୍କ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମା ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟରେ ଏକ ବାଲୁକା କଳା ଉନ୍ମୋଚନ କରିଥିଲେ ।




ଷ୍ଟେଟ ବ୍ୟାଙ୍କ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଏହାର କର୍ମଚାରୀ ବର୍ଗଙ୍କ ପାଇଁ ଏକ ରଙ୍ଗାରଙ୍ଗ ସପରିବାର ମିଳନ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜନ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଶର୍ମା ବ୍ୟାଙ୍କକୁ ଉନ୍ନତିର ଏହି ଶିଖରକୁ ପହଞ୍ଚାଇବା ସମସ୍ତ କର୍ମଚାରୀ ଓ ପରିବାରକୁ ତାଙ୍କ ଆପ୍ରାଣ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ଓ ନିଜର ଭଲ କାମ ବଜାୟ ରଖି ଗ୍ରାହକଙ୍କୁ ଉନ୍ନତମାନର ସେବା ଯୋଗାଇଦେବା ତଥା ରାଜ୍ୟରେ ନିଜ ଅଗ୍ରଣୀ ସ୍ଥାନ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ଭୁବନେଶ୍ୱରର ଆକୃତି ଡ୍ୟାନ୍ସ ଗ୍ରୁପ ଦ୍ୱାରା ବିଭିନ୍ନ ଶାସ୍ତ୍ରୀୟ ଏବଂ ସମ୍ବଲପୁରୀ ଲୋକ ନୃତ୍ୟ ତଥା ଓଲିଉଡର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କଟକରେ ସତରେ କ'ଣ ବନ୍ଦ ହେବ ପଲିଥିନ୍ ?

**କଟକ(ସଂପର୍କବାର୍ତ୍ତା):-** ଶୁକ୍ରବାର ଠାରୁ କଟକ ମହାନଗର ଅଂଚଳରେ ସିଙ୍ଗିଲ ୟୁଜ୍ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରାଯାଇଛି । ଯେଉଁ ଦୋକାନୀଙ୍କ ଠାରୁ ପଲିଥିନ୍ ଓ ପ୍ଲାଷ୍ଟିକ୍ ମିଳିବ ସେମାନଙ୍କ ଠାରୁ ୨ ରୁ ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯିବ । ସହରର ଦୋକାନୀ ଓ ଗ୍ରାହକଙ୍କୁ ସଚେତନ କରାଇବା ପାଇଁ ସହରର ସମସ୍ତ ଛକ ବଜାରରେ ମହାନଗର ନିଗମ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଉଛି । ସହରବାସୀ ଜିନିଷ କିଣିବା ପାଇଁ ଘରୁ କପଡା କିମ୍ବା ଜରି ବ୍ୟାଗ ସାଙ୍ଗରେ ନେଇ ଆସିବାକୁ ନିବେଦନ କରାଯାଇଛି । ସେହିପରି ଦୋକାନୀମାନେ କାଗଜ ବ୍ୟାଗ, କାଗଜ ଠୁଙ୍ଗା ଆଦିରେ ଜିନିଷ ଦେବାକୁ କୁହାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଜୁଲାଇରୁ ସିଙ୍ଗିଲ୍ ୟୁଜ୍ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାରକୁ ବନ୍ଦ କରିବା ପାଇଁ ବିଭିନ୍ନ ପଦକ୍ଷେପ



ନେବାକୁ ସିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି । ଦୋକାନୀମାନେ ପଲିଥିନ୍‌ରେ ଜିନିଷ ବିକ୍ରି କରନ୍ତୁ ନାହିଁ ବୋଲି ଡେପୁଟି କମିସନର (ଏନ୍‌ଫୋର୍ସମେଣ୍ଟ) ଅଜୟ କୁମାର ମହାନ୍ତି ଅନୁରୋଧ କରିଛନ୍ତି । ଯେଉଁ ଦୋକାନରୁ ପଲିଥିନ୍ ବାହାରିବ ଦୋକାନ ମାଲିକଙ୍କ ଠାରୁ ୨ ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଅନ୍ୟପଟେ ସହରରେ ପଲିଥିନ୍ ବ୍ୟାନ ହେବାର ପ୍ରଥମ ଦିନରେ ଆଜି ସିଏମ୍‌ସି ପକ୍ଷରୁ ଚୌଧୁରୀ ବଜାରରେ ଚଢଉ କରାଯାଇଛି । ନିଗମ ପକ୍ଷରୁ ୭ଟି ଦୋକାନରେ ଚଢଉ କରାଯାଇ ୫୦ କେଜି ପଲିଥିନ୍ ଜବତ କରାଯିବା ସହ ଗୋଟିଏ ଦୋକାନୀଙ୍କ ଠାରୁ ୧ ହଜାର ଟଙ୍କା ଜୋରିମାନା ଆଦାୟ ହୋଇଛି । ପ୍ରଥମ ଦିନରେ ଦୋକାନୀଙ୍କୁ ସଚେତନ କରାଯାଉଛି । ଆଗାମୀ ଦିନରେ ପଲିଥିନ୍ ଚଢଉକୁ ଜୋରଦାର କରାଯିବା ସହ ଜୋରିମାନା ଆଦାୟକୁ କଡାକଡି ଭାବେ ପାଳନ କରାଯିବ ବୋଲି ଡେପୁଟି କମିସନର ଅଜୟ କୁମାର ମହାନ୍ତି କହିଛନ୍ତି ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

www.samparkabarta.in

ODIA WEEKLY

ପୃଷ୍ଠା ୮



| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




### ଓଡିଶା ଇନଭେଷ୍ଟର୍ସ ମିଟ୍

## ଓଡିଶାରେ ନିବେଶ ଲାଗି ନବୀନଙ୍କ ଆହ୍ୱାନ


**ଆବୁଧାବି(ସଂପର୍କବାର୍ତ୍ତା):-** ଓଡିଶାକୁ ଛୁଟିଲା ବିଦେଶୀ ପୁଞ୍ଜିର ପୁଅ। ରାଜ୍ୟରେ ବ୍ୟାପକ ନିବେଶ କରିବେ ଦୁବାଇର ପ୍ରତିଷ୍ଠିତ କମ୍ପାନୀ ଦୁବାଇରେ ଚାଲିଥିବା ଇନ୍‌ଭେଷ୍ଟର୍ସଙ୍କ ସମ୍ମିଳନୀରେ କମ୍ପାନୀ ମୁଖ୍ୟାମାନେ ଏହି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଟ୍ୱିଟ କରି ଖୁସି ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୁବାଇ ନିବେଶକ ସମ୍ମିଳନୀରେ ତବ୍ରିତ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ୟୁସୁଫ ଅଲ୍ ହମ୍ମାଦିଙ୍କ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତବ୍ରିତ ଗ୍ରୁପ ଓଡିଶାରେ ପୁଞ୍ଜି ନିବେଶ ଲାଗି ଆଗ୍ରହୀ ଭୁବନେଶ୍ୱର ଆଇସିଟି କ୍ୟାମ୍ପସରେ ହଜାରେ କୋଟି




ଟଙ୍କାର ପୁଞ୍ଜିନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛି ତାବ୍ରଡ ଗ୍ରୁପ ରାଜ୍ୟ ସରକାର ମଧ୍ୟ ସରକାର ମଧ୍ୟ ପ୍ରକଳ୍ପ ପାଇଁ ସମସ୍ତ ସହଯୋଗ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଏନବିଟିସି ମଧ୍ୟ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଘୋଷଣା କରିଛି । କୁଏତର ଏମବିଟିସି କମ୍ପାନୀର ପାର୍ଟରେ ଓ ପରିଚାଳନା ନିର୍ଦ୍ଦେଶକ କେ ଜି ଆବ୍ରାହାମଙ୍କୁ ମୁଖ୍ୟମନ୍ତ୍ରୀ ଭୋଟିବ । ଅବସରରେ କମ୍ପାନୀ ଏହି ଘୋଷଣା କରିଛି। ୟରିଆ ପାଣ୍ଟ ସ୍ଥାପନ ପାଇଁ କମ୍ପାନୀ ୫ହଜାର କୋଟି ଟଙ୍କା ନିବେଶ କରିବ।

## ଦୁବାଇରେ ନବୀନଙ୍କ ଆହ୍ୱାନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଦେଶ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇଟାଲି ପରେ ଦୁବାଇରେ ପହଂଚିଛନ୍ତି। ଦୁବାଇରେ ବୁଧବାର ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ସାମିଲ୍ ହେବେ ମୁଖ୍ୟମନ୍ତ୍ରୀ। ଏହି ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମକୁ ଓଡିଶା ସରକାର ଓ ଫିକ୍କି ମିଳିତ ଭାବେ ଆୟୋଜନ କରୁଛନ୍ତି। ଏହି ଅବସରରେ ନବୀନ ବିଭିନ୍ନ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି,ମୁଁ ସାଢେ ୪କୋଟିରୁ ଅଧିକ ଓଡିଆକୁ ଭଲ ପାଏ ମୋ ବାପା ବିଜୁ ପଟ୍ଟନାୟକ ମାତୃଭୂମିର ସେବା କରିବାକୁ ଭଲ ପାଉଥିଲେ। ୧୯୯୭ରେ ତାଙ୍କ



ଦେହାନ୍ତ ପରେ ମୁଁ ଅନୁଭବ କଲି ମୋ ଦାୟିତ୍ୱ ମୋ ବାପାଙ୍କ ଅଧୁରା କାର୍ଯ୍ୟକୁ ଆଗେଇ ନେବା ମୁଁ ଓଡିଆଙ୍କ ଲାଗି କାର୍ଯ୍ୟ କରିବା ଲକ୍ଷ୍ୟରେ ରାଜନୀତିକୁ ଆସିଥିଲି ଏବଂ ଲୋକ ମୁହଁରେ ହସ ଫୁଟାଇବାରେ ସକ୍ଷମ ହୋଇଛି। ଆମ ସରକାର ପ୍ରତି ଲୋକଙ୍କ ଭଲ ପାଇବା ରହିଛି। ଦୁଇ ଦଶନ୍ଧି ଧରି ଓଡିଶାର ଲୋକ ମୋତେ କାର୍ଯ୍ୟ କରିବା ପାଇଁ ଅନୁପ୍ରାଣିତ କରିଛନ୍ତି। ଆମେ କରିଥିବା କାମ କଥା କୁହେ। ଏସବୁ ମୋ ସରକାରର ପ୍ରତିବଦ୍ଧତା ଯୋଗୁ ସମ୍ଭବ ହୋଇଛି। ୧୯୯୯ ମହାବାତ୍ୟା ପରେ ଆମ ସରକାର ଦାୟିତ୍ୱ ନେଇଥିଲା ଏବେ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶ୍ୱସ୍ତରରେ ମଡେଲ୍ ଓଡିଶା ଦିନେ ଚାଉଳ ସଂକଟର ସାମ୍ନା କରୁଥିଲା ଆଜି ଚାଉଳ ବଳକା ରାଜ୍ୟ ମୋ ସରକାର ୫ଟି ମଡେଲକୁ ଆପଣାଇଛି ଯାହା ଫଳରେ ରାଜ୍ୟରେ ଐତିହାସିକ ବିପ୍ଳବ ଆସିଛି। ୨୨ବର୍ଷ ମଧ୍ୟରେ ରାଜ୍ୟର ଅର୍ଥନୀତି ୫.୮୭ବିଲିୟନରୁ ୬୩.୮୫ବିଲିୟନ୍ ହୋଇ ପାରିଛି । କୃଷି କୈନ୍ଦ୍ରିକ ଅର୍ଥନୀତିରୁ ଶିଳ୍ପ ସମୃଦ୍ଧ ହୋଇଛି ଓଡିଶା ଆଗାମୀ ୨ବର୍ଷ ମଧ୍ୟରେ ସରକାର ଅଧାରେ ଅଟକିଥିବା ସମସ୍ତ ପ୍ରକଳ୍ପ ସାରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ।

# ସମ୍ପାଦକଙ୍କ ଗିରଫରେ ସାମ୍ବାଦିକ ଲୁଚିଲେ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନିଉଜ୍ ଚ୍ୟାନେଲ୍ 'ବଡ ଖବର'ର ସଂପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ଗିରଫ କରିଥିବାର ଖବର ମିଳିଛି। ଏ ନେଇ ଇଓଡବ୍ଲୁ ଏସ୍‌ପି ଦିଲ୍ଲୀପ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ବଡ ଖବରର ସଂପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଇଓଡବ୍ଲୁ ଓଡଗାଁରୁ ଆଣି ପଚରାଉଚରା କରୁଥିଲା। ଗତକାଲି ଇଓଡବ୍ଲୁ ପକ୍ଷରୁ ଅର୍ଦ୍ଧେନ୍ଦୁ ଦାସଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଇଓଡବ୍ଲୁ ଓ କମିସନରେଟ୍ ପୋଲିସ୍‌ରେ ଅର୍ଦ୍ଧେନ୍ଦୁ ଦାସଙ୍କ ବିରୋଧରେ ୪ଟି ମାମଲା ରହିଛି।

ଖବର ପାଇ କଂଗ୍ରେସର ଜଟଣୀ ବିଧାୟକ ସୁର ରାଉତରାୟ ଓ ବିଜେପି ନେତା ବାବୁ ସିଂହ ପ୍ରମୁଖ ଇଓଡବ୍ଲୁ ଅଫିସ୍‌ରେ ପହଞ୍ଚିଥିବାର ସୂଚନା ମିଳିଛି। ଉଭୟେ ଅର୍ଦ୍ଧେନ୍ଦୁ ଦାସଙ୍କ ଗିରଫ ଘଟଣାର ଦୃଢ ନିନ୍ଦା କରିଛନ୍ତି। ଗଣମାଧ୍ୟମର କଣ୍ଠରୋଧ କରିବା ଲାଗି ରାଜ୍ୟ ସରକାର ଏଭଳି ହୀନ ଚକ୍ରାନ୍ତ କରିଥିବାର ଅଭିଯୋଗ କରିଚନ୍ତି।

ଅର୍ଦ୍ଧେନ୍ଦୁ ଦାସଙ୍କ ନାଁରେ ଇଓଡବ୍ଲୁ ୯୨ଲକ୍ଷ ୪୭ ହଜାର ୭୦ ଟଙ୍କାର ଠକେଇ ମାମଲା ରୁଜୁ ହେବା ଘଟଣାରେ ଦୁଇ ଦିନ ପୂର୍ବରୁ ଭୋର୍ ପ୍ରାୟ ୪ଟା ବେଳେ ତଦନ୍ତକାରୀ ଡିଏସ୍‌ପିଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ଶ୍ରୀ ଦାସଙ୍କ ଜାଗମରାସ୍ଥିତ ଘରେ ଚଢଉ କରିଥିଲେ। ମାତ୍ର ଚଢଉ ବେଳେ ଅର୍ଦ୍ଧେନ୍ଦୁ ଘରେ ଅନୁପସ୍ଥିତ ଥିବାରୁ ଇଓଡବ୍ଲୁ ଖାଲି ହାତରେ ଫେରିଥିଲେ।

ଏ ନେଇ ଇଓଡବ୍ଲୁ ଏସ୍‌ପି ଦିଲ୍ଲୀପ କୁମାର ତ୍ରିପାଠୀ କହିଥିଲେ କି ଗତ ୨୩ ତାରିଖରେ ସଲ୍ୟୁସନ ବ୍ରଡକାଷ୍ଟ ପ୍ରୋପାଇଟର ଗଗନଦୀପ ସିଂହ ଚାବଲା ଅଭିଯୋଗ କରିଥିଲେ। ବାର୍ଷିକ ୮ କୋଟି ବ୍ୟବସାୟ ହେଉଥିବା କହି ଅର୍ଦ୍ଧେନ୍ଦୁ ତାଙ୍କ ଠାରୁ କୋଟିଏ ୪୭ ହଜାର ଟଙ୍କାର ବୈଦ୍ୟୁତିକ ଯନ୍ତ୍ରାଂଶ ଆଣିଥିଲେ। ଏ ବାବଦରେ ମାତ୍ର ୧୦ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ଆହୁରି ୯୨ଲକ୍ଷ ଟଙ୍କା ସେ ଦେଇନାହାଁନ୍ତି। ତେଣୁ ଏହି ଆଧାରରେ ଠକେଇ ମାମଲା ରୁଜୁ ହୋଇଛି। ଏଣେ କଟରକ ନିଶିତ ଅଗ୍ରୱାଲ ନାମକ ଜଣେ ପୁରୀଘାଟ ଥାନାରେ ଶ୍ରୀ ଦାସଙ୍କ ବିରୋଧରେ ଆଉ ଏକ ଅଭିଯୋଗ କରିଛନ୍ତି।



ବ୍ୟବସାୟୀ ଅଭିଯୋଗ କହିଛନ୍ତି ଯେ ଶ୍ରୀ ଦାସ ତାଙ୍କଠାରୁ ୧୧ଲକ୍ଷ ଟଙ୍କା ମୂଲ୍ୟର ଆସବାବପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ। ପରେ ୪.୪ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଅବଶିଷ୍ଟ ଦେୟ ଦେଇନାହାଁନ୍ତି।

ତେବେ ଗଗନଦୀପ ସିଂହଙ୍କର ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି 'ବଡ ଖବର'ର ସଂପାଦକ ଅର୍ଦ୍ଧେନ୍ଦୁ ଦାସ। ସେ କହିଛନ୍ତି ଯେ ନୂଆ ସାମଗ୍ରୀ ଯୋଗାଇବା ଚୁକ୍ତି କରି ଗଗନଦୀପ ପୁରୁଣା ଓ ନକଲି ମାଲ୍ ଯୋଗାଇଛନ୍ତି। ଏ କଥା ଜଣାପଡିବା ପରେ ଗଗନଦୀପ ନିଜେ ସେ ଅନୁସାରେ କମ୍ ଅର୍ଥ ନେବେ ବୋଲି ସମ୍ମତି ପ୍ରଦାନ କରିଥିଲେ। ତେଣୁ ତାଙ୍କର ପ୍ରକୃତ ପ୍ରାପ୍ୟ କେତେ ତାହା ସ୍ଥିର ହେବାକୁ ଥିବା ବେଳେ ସେ ଏପରି ମିଥ୍ୟା ଅଭିଯୋଗ କରିଛନ୍ତି। ଏହା ଏକ ଚୁକ୍ତି ଖିଲାପି ମାମଲା ହୋଇଥିବା ବେଳେ ଇଓଡବ୍ଲୁ କାହିଁକି ଏଥିରେ ଆଗ୍ରହ ଦେଖାଉଛି ତାହା ବୁଝିହେଉନି।

'ବଡ ଖବର'ର ସଂପାଦକ ଅର୍ଦ୍ଧେନ୍ଦୁ ଦାସ ନିଜର ଏକ ଭିଡିଓ ଜରିଆରେ କହିଛନ୍ତି, ମୁଁ ଜୟପୁରରୁ ଫେରି ଜଣେ ସଂପର୍କୀୟଙ୍କ ଘରେ ବିଶ୍ରାମ ନେଉଥିଲି। ହଠାତ୍ ୨୦/୨୫ ଜଣ ଇଓଡବ୍ଲୁ ଷ୍ଟାଫ୍ ଆସି ମୋତେ କହିଲେ ଆପଣଙ୍କୁ ଅଫିସ୍‌କୁ ଯିବାକୁ ପଡିବ। ମୁଁ ସେମାନଙ୍କ ସହ ଯାଉଛି ଏଇଟା ସିଭିଲ ନେଚରର କେସ୍। ଏଇଟା ଦୁଇଜଣଙ୍କ ଭିତରର କଥା। ଅଭିଯୋଗକାରୀ କେତେ ଟଙ୍କା ନେବେ, ତାହାର ହିସାବ ସରିଛି। ଏ କଥା ଇଓଡବ୍ଲୁ ବି ଜାଣିଛି ଏବଂ ଗଗନସିଂହ ବି ଜାଣିଛନ୍ତି। ଆଜି ସକାଳେ ବଡଖବର ଅଫିସ୍‌ରେ ଇଓଡବ୍ଲୁ ଟିମ୍‌କୁ ପୁରା ସହଯୋଗ କରାଯାଇଛି। ମୁଁ ଜୁଲାଇ ୧ ତାରିଖରେ ଇଓଡବ୍ଲୁ ଅଫିସ୍‌ରେ ପହଞ୍ଚିଛି ବୋଲି କହିଛି, ତା ସତ୍ତ୍ୱେ ଅପେକ୍ଷା ନ କରି ମୋତେ ଯିବାକୁ କହୁଛନ୍ତି। ମୁଁ ତାଙ୍କ ସହ ଯାଉଛି।

ଏଣେ ତାଙ୍କ ନାଁରେ ଭୁବନେଶ୍ୱର ବଡଗଡ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଛି। ସେ ଘର ଭଡା ଦେଇନାହାଁନ୍ତି ବୋଲି ଅଭିଯୋଗ କରି ଘର ମାଲିକ ବିଶ୍ୱଜିତ ସାହୁ ଯାଇ ତାଙ୍କ ନାଁରେ ଥାନାରେ ଏତଲା ଦେଇଛନ୍ତି। ଅନେକ ଦିନର ଘର ଭଡାକୁ ମିଶାଇ ଅର୍ଦ୍ଧେନ୍ଦୁ ୫ଲକ୍ଷ ୮୫ହଜାର ଟଙ୍କା ଭଡା ବାବଦରେ ବାକି ରଖିଛନ୍ତି ବୋଲି ଘର ମାଲିକ ଅଭିଯୋଗ ଆଣିଛନ୍ତି। ଗତ ଜାନୁଆରୀ ମାସରୁ ଘର ଭଡା ନଦେଇ, ବଡ ଖବର ଅଫିସ୍ ଚଳାଇଥିଲେ ଅର୍ଦ୍ଧେନ୍ଦୁ। ଟଙ୍କା ମାଗିବାରୁ ଧମକ ଦେଉଥିବା ଅଭିଯୋଗରେ ଉଲ୍ଲେଖ ଅଛି। ମାମଲା ରୁଜୁ କରି ବଡଗଡ ଥାନା ପୋଲିସ୍ ତଦନ୍ତ ଆରମ୍ଭ କରିଥିଲା। ସେହିପରି ଦରମା ଦେଇନଥିବା ଜଣେ ପୂର୍ବତନ କର୍ମଚାରୀ ମର୍କତନଗର ଥାନାରେ ଅଭିଯୋଗ କରିଥିଲେ।

## ବିଜେପିର ନାରା-ବଂଶବାଦ ମୁକ୍ତ ଭାରତ

**ହାଇଦ୍ରାବାଦ(ସଂପର୍କବାର୍ତ୍ତା):-** ଆସନ୍ତା ବିଧାନସଭା ତଥା ଲୋକସଭା ନିର୍ବାଚନ ପାଇଁ ବିଜେପି ଏକ ନୂଆ ସ୍ଲୋଗାନ ପ୍ରସ୍ତୁତ କରିଛି। ଏହାର କଂଗ୍ରେସ ମୁକ୍ତ ଭାରତ ଏବଂ ଦୁର୍ନୀତି ମୁକ୍ତ ଭାରତ ନାରା ଅନେକ ନିର୍ବାଚନରେ ସଫଳତା ଦେଇଛି। ସୂଚନାନୁସାରେ ଶୁକ୍ରବାର ଠାରୁ ହାଇଦ୍ରାବାଦରେ ଆୟୋଜିତ ବିଜେପି ଜାତୀୟ କାର୍ଯ୍ୟକାରିଣୀ ବୈଠକରୁ ଦଳର ନୂତନ ନାରା ହେଉଛି-ବଂଶବାଦ ମୁକ୍ତ ଭାରତ। ଦଳ ଅନୁଭବ କରୁଛି ଯେ ଏହା ଏକ ସ୍ଲୋଗାନ ହେବ ଯେ ସମସ୍ତ ରାଜ୍ୟର ପ୍ରାୟ ସମସ୍ତ ଆଞ୍ଚଳିକ ଦଳକୁ ମଧ୍ୟ ଟାର୍ଗେଟ୍ କରି ହେବ ଏବଂ ଏଥିରେ ଉଭୟେ ସଫଳ ସ୍ଲୋଗାନ ବାର୍ତ୍ତା ମଧ୍ୟ ରହିବ।

ଭାରତୀୟ ଜନତା ପାର୍ଟି ଗତ ଦୁଇ ଲୋକସଭା ନିର୍ବାଚନରେ କଂଗ୍ରେସ ମୁକ୍ତ ଭାରତ ଏବଂ ଦୁର୍ନୀତିମୁକ୍ତ ଭାରତ ସ୍ଲୋଗାନ ଦେଇ ବଡ ସଫଳତା ହାସଲ କରିଛି। ଶୁକ୍ରବାର ଠାରୁ ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ଆରମ୍ଭ ହେବାକୁ ଥିବା ଏହାର ଜାତୀୟ କାର୍ଯ୍ୟକାରିଣୀ ସମ୍ପର୍କରେ ସୂତ୍ରରୁ ପ୍ରକାଶ ଯେ ୨୦୨୪ ଲୋକସଭା ନିର୍ବାଚନ ଏବଂ ଏହା ପୂର୍ବରୁ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ବଂଶବାଦ ମୁକ୍ତ ଭାରତ ଅଭିଯାନ ଅନୁଯାୟୀ,



ବଂଶବାଦ ମୁକ୍ତ ଭାରତ ଅଭିଯାନ ଆରମ୍ଭ କରିପାରେ। ଦଳରେ ଜଣେ ବରିଷ୍ଠ ନେତାଙ୍କ ଅନୁଯାୟୀ, ବଂଶବାଦ ମୁକ୍ତ ଭାରତ ୨୦୨୪ ପାଇଁ ଅଭିଯାନର ସ୍ଲୋଗାନ ହେବ, କାରଣ ଏଥିରେ ଦକ୍ଷିଣ ରାଜ୍ୟର ଦଳ ସହ ସମସ୍ତ ଦଳ ମଧ୍ୟ ଆସିବେ। ବଂଶବାଦ ରାଜନୀତିକୁ ଗଣତାନ୍ତ୍ରିକ ନୀତି ବିରୁଦ୍ଧରେ ସବୁଠାରୁ ବଡ ବିପଦ ଭାବରେ ଉପସ୍ଥାପନା କରାଯିବ।

ଦଳର ନେତା ଦର୍ଶାଇଛନ୍ତି ଯେ, ବଂଶବାଦ ମୁକ୍ତ ଭାରତ ଅଭିଯାନରେ କଂଗ୍ରେସ ମୁକ୍ତ ଭାରତ ଏବଂ ଦୁର୍ନୀତିମୁକ୍ତ ଭାରତର ମଧ୍ୟ ଅନ୍ତର୍ଭୁକ୍ତ ହେବ। ଯଦି ଉତ୍ସଗୁଡିକ ବିଶ୍ୱାସ କରାଯାଏ, ଦଳର ଏହି ନୂତନ ନାରା ଜାତୀୟ କାର୍ଯ୍ୟକାରିଣୀ ସମୟରେ ନେତାଙ୍କ ବିବୃତ୍ତି ଏବଂ ଭାଷଣ ମାଧ୍ୟମରେ ସ୍ଥିର ହେବ। ଦଳର ନେତା କହିଛନ୍ତି ଯେ ହାଇଦ୍ରାବାଦରେ କାର୍ଯ୍ୟକାରିଣୀ ଅଧିକାରୀଙ୍କ ଉଦ୍ଦେଶ୍ୟ ହେଉଛି ଆଗାମୀ ସାଧାରଣ ନିର୍ବାଚନରେ ବିଜେପି ଦକ୍ଷିଣ ଭାରତ ଉପରେ ମଧ୍ୟ ଧ୍ୟାନ ଦେବାକୁ ଚାହୁଁଛି, ଯେଉଁଠାରେ ଦଳ ଏହାର ବିସ୍ତାର ପାଇଁ ଅନେକ ଉଦ୍ୟମ କରିବାକୁ ପଡିବ ଏବଂ ସେଠାରେ ଅନେକ ସମ୍ଭାବନା ଅଛି। ଅନ୍ୟପକ୍ଷରେ ସମାନ ସ୍ଲୋଗାନରେ ତେଲେଙ୍ଗାନାର ବିଜେପି ରାଜ୍ୟ ସଭାପତି ବନ୍ଦୀ ସଞ୍ଜୟ କୁମାର ଏହା ମଧ୍ୟ କହିଛନ୍ତି ଯେ ଜାତୀୟ କାର୍ଯ୍ୟକାରିଣୀ ବୈଠକ ପାଇଁ ହାଇଦ୍ରାବାଦକୁ ଚୟନ କରାଯାଇଛି କାରଣ ବିଜେପି ରାଜ୍ୟରେ କେ ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ତେଲେଙ୍ଗାନା ରାଷ୍ଟ୍ର ସମିତି ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ଅତ୍ୟାଚାରର ରାଜନୀତିକୁ ପ୍ରକାଶ କରିବାକୁ ଚାହୁଁଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ତେଲେଙ୍ଗାନା ସମେତ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ, ତ୍ରିପୁରା, ମେଘାଳୟ, ନାଗାଲାଣ୍ଡ, କର୍ଣ୍ଣାଟକ ଏବଂ ମିଜୋରାମରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।




## ମୋଦିଙ୍କୁ ଭେଟିବା ପାଇଁ ଆସିଲେ ବାଇଡେନ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଜର୍ମାନୀରେ ଜି-୭ ରାଷ୍ଟ୍ରମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ଜୋକୋ ୱିଡୋଡୋଙ୍କ ସହ ଜଳବାୟୁ ପରିବର୍ତ୍ତନ ବାଣିଜ୍ୟ ଏବଂ ଶକ୍ତି ସୁରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଜି-୭ ବୈଠକ ଅବସରରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ମୋଦି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ



ଟ୍ରୁଡୁଙ୍କ ସହ କଥା ହେଉଥିବା ବେଳେ ଆମେରିକା ରାଷ୍ଟ୍ରପତି ବାଇଡେନ୍ ମୋଦିଙ୍କ ପାଖକୁ ଆସି ତାଙ୍କ ତାଙ୍କ ସହ ମିଳାଇଥିଲେ ଏ ସମ୍ବନ୍ଧିତ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି। ଭିଡିଓରେ ଦେଖିବାକୁ ମିଳିଛି ପ୍ରଧାନମନ୍ତ୍ରୀ ମୋଦି କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋନଙ୍କ ସହ କଥାବାର୍ତ୍ତା କରୁଛନ୍ତି। ଏହାର ଭିତରେ ଜୋ ବାଇଡେନ୍ ନିଜେ ଚାଲି ମୋଦି ପାଖକୁ ଆସୁଛନ୍ତି ଏବଂ ତାଙ୍କୁ ପଛକୁ ଡାକି ତାଙ୍କ ସହ ହାତ ମିଳାଉଛନ୍ତି। ମୋଦି ମଧ୍ୟ ବାଇଡେନଙ୍କୁ ଦେଖି ସାମାନ୍ୟ ଆଶ୍ଚର୍ଯ୍ୟ ହୋଇପଡିଥିଲେ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୮୬୩୭୨୨୪୧୮୯(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera